### ୭ଦିନ ହେଲା ସ୍ତ୍ରୀ ନିଖୋଜ, ଥାନାରେ ସ୍ୱାମୀଙ୍କ ଅଭିଯୋଗ

ରାଜନଗର, (ଡି.ଏନ.ଏ.): ରାଜନଗର ଥାନା ଅନ୍ତର୍ଗତ ରିଘାଗଡ଼ ଗାଁର ସୁକାନ୍ତି ବିଶ୍ୱାଳ (୪୧) ୭ ଦିନ ହେବ ନିଖୋଜ ଅଛନ୍ତି। ତାଙ୍କ ସ୍ୱାମୀ ଶମ୍ଭୁ ସାହୁ ଏ ନେଇ ଥାନାରେ ଅଭିଯୋଗ କରିଥିଲେ ମଧ ଏଯାଏ ତାଙ୍କର କୌଣସି ଖୋଜ ଖବର ମିଳିପାରି ନାହିଁ। ତାଙ୍କ ସ୍ୱାମୀଙ୍କ ଅଭିଯୋଗ ମୁତାବକ ଗତ ୮ ତାରିଖ ଭୋରରୁ ଘରୁ ଉଠି କେଉଁଆଡେ ସୁକାନ୍ତି ଚାଲି ଯାଇଛନ୍ତି। ତାଙ୍କ ପାଖରେ ଥିବା ମୋବାଇଲ ସ୍ୱିଚ୍ ଅଫ୍ ଅଛି। ସେ ଖୋଜାଖୋଜି ପରେ ନ ପାଇବାରୁ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଆଜି ଯାଏ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ।

## ସଂକ୍ଷେପରେ

### ସାନଭାଇ ଆକ୍ରମଣରେ ବଡ଼ ଆହତ

**ରଘୁନାଥପୁର,୧୪।୫(ଡି.ଏନ୍.ଏ.):** ରଘୁନାଥପୁର ଥାନା ତଅଁରା ପଞ୍ଚାୟତ ଅନ୍ତର୍ଗତ ଶାଳିଜଙ୍ଗା ଗ୍ରାମରେ ରବିବାର ସକାଳେ ସାନଭାଇ ଆକ୍ରମଣରେ ବଡଭାଇ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଏ ସମ୍ପର୍କରେ ବଡ଼ଭାଇ ବିଜୟ ପାଲଟାସିଂହ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୩୨/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବିଜୟ ସକାଳ ୮ଟାରେ ଜଣେ ବଢ଼େଇଙ୍କ ଘରକୁ ଯାଇଥିବା ବେଳେ କୌଣସି କାରଣରୁ ସାନଭାଇ ଅଜୟ ପାଲଟାସିଂହ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ବିଜୟଙ୍କ ମୁଣ୍ଡ ଫାଟିବା ସହ ହାତରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ସହ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ ଅଜୟ ବଡ଼ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କିତ ଏକ ମାମଲା ଏବେବି କୋର୍ଟରେ ବିଚାରାଧୀନ ରହିଛି। ଜମିବାଡ଼ିକୁ କେନ୍ଦ୍ରକରି ଉଭୟଙ୍କ ମଧରେ ଏପରି ଗଣ୍ଡଗୋଳ ହେଉଥିବା ଆଶଙ୍କା କରାଯାଉଛି। ତଦନ୍ତ କରିବା ପରେ ପ୍ରକୃତ ସତ ଜଣାପଡ଼ିବ ବୋଲି ପୋଲିସ କହିଛି।

### ୮ ବାଲି ବୋଝେଇ ଗାଡ଼ି ଜବତ

**ପାରାଦୀପ. ୧୪।୫(ସ୍ୱ.ପ୍ର.):** କୁଜଙ୍ଗ ତହସିଲ ପକ୍ଷରୁ ରବିବାର ସନ୍ଧ୍ୟାରେ ପାରାଦୀପରେ ୮ବାଲି ବୋଝେଇ ଗାଡି ଜବତ କରାଯାଇଛି। ଏସବୁ ଗାଡ଼ିରୁ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି ବୋଲି ଆରଆଇ ନାରଣ ସାହୁ କହିଛନ୍ତି। ପାରାଦୀପ ଆଦର୍ଶଥାନା ପୋଲିସ ଜରିଆରେ ଏହି ୮ ଟି ଗାଡିକୁ ସନ୍ଧ୍ୟାରେ ଯାଞ୍ଚ କାଗଜ ପତ୍ର ତନଖି କରାଯାଇଛି ବୋଲି ଥାନାଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି।

### ଲକ୍ଷ୍ମୀବରାହ କଲେଜରେ କୃତଜ୍ଞତା ସଭା

**ଆଲି,୧୪।୫ (ଡି.ଏନ.ଏ.):** ଆଲି ଆୟତପୁରସ୍ଥିତ ଲକ୍ଷ୍ମୀବରାହ ଯୁକ୍ତ ୨ କଲେଜ ପକ୍ଷରୁ ଏକ କୃତଜ୍ଞତା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମନୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜର ସମସ୍ତ ଅଧାପିକାଅଧାପକ ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଦ୍ୱାରା କଲେଜର ଉନ୍ନତି ନିମନ୍ତେ ପ୍ରଦାନ କରା ଯାଇଥିବା ୫୦ ଲକ୍ଷ ଅନୁଦାନ ପାଇଁ କଲେଜ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଆଲି ବିଧାୟକ ତଥା ଶକ୍ତି, ଶିଳ୍ପ ଓ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ତାଙ୍କ ବିଧାୟକ ପାଣ୍ଠିରୁ କଲେଜରେ ବାଳିକା ବିଶ୍ରାମାଗାର ଓ ବାଳିକା ଶୌଚାଳୟ ନିର୍ମାଣ ନିମନ୍ତେ ଅନୁଦାନ ଦେଇଥିବାରୁ କଲେଜ ପକ୍ଷରୁ ମନ୍ତ୍ରୀ ଦେବଙ୍କୁ ମଧ କୃତଜ୍ଞତା ଜ୍ଞାପନ କରାଯାଇଛି। କଲେଜକୁ ମିଳିଥିବା ଅନୁଦାନ ରାଶିରେ କିପରି କଲେଜର ରୂପାନ୍ତିକରଣ କରାଯିବ ସେ ନେଇ ଅଧକ୍ଷ, ଅଧାପିକାଅଧାପକ ଓ କଲେଜର କର୍ମଚାରୀମାନେ ଆଲୋଚନା କରିଥିଲେ।

# ତାତି ବଢ଼ାଉଛି ଇଟାଭାଟି ନିଆଁ

**ପଟ୍ଟାମୁଣ୍ଡାଇ,୧୪।୫(ସ୍ୱ.ପ୍ର.)**


ବେଆଇନ ଭାବେ ଇଟା ପୋଡା ଯାଉଥିବା ଧୂଆଁ ବାହାରୁଛି।

- ଧୂଆଁ ପ୍ରଭାବରେ ଲାକେ ଅଣନିଃଶ୍ୱାସୀ
- ଆନ୍ଦୋଳନ ପାଇଁ ଚେତାବନୀ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ କିଛିଦିନ ହେଲା ପ୍ରବଳ ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଦୈନିକ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ମାତ୍ର ବେଆଇନ ନାଲି ଇଟାଭାଟିର ନିଆଁ ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ଯୋଗୁ ତାତି ବେଶି ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଇଟାଭାଟିରୁ ବାହାରୁଥିବା ଧୂଆଁ ପ୍ରଭାବରେ ପୋଡ଼ା କୋଇଲା ପାଉଁଶ ଗୁଣ୍ଡ ଉଡି ଗଛ ପତ୍ର ପଡ଼ିବା ଫଳରେ ଏକ ଆସ୍ତରଣ ସୃଷ୍ଟି ହେବାରେ ଲାଗିଛି। ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଧୂଆଁ ଯୋଗୁ ଲୋକେ ଅଣନିଃଶ୍ୱାସୀ ହେଇପଡୁଛନ୍ତି। ଇଟାଭାଟି ବନ୍ଦ କରିବାକୁ ତହସିଲଦାର ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ରାସ୍ତାପାର୍ଶ୍ୱରେ ଇଟାଭାଟି ବେଧଡ଼କ ଭାବେ ଚାଲୁଛି। ପ୍ରଶାସନ କାହିଁକି ନୀରବ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସମ୍ପର୍କରେ ପରିବେଶବିତ୍ ବିଭୂତି ମହାପାତ୍ର କୁହନ୍ତି, ଇଟାଭାଟିରୁ ନିର୍ଗତ ଧୂଆଁ ଯୋଗୁ ବାୟୁମଣ୍ଡଳରେ ଉଷ୍ମତା ସହ ଅଙ୍ଗାରକାମ୍ଳ ଗ୍ୟାସ ବଢ଼ିବାରେ ଲାଗିଛି। ଫଳରେ ଆଖପାଖ ଅଞ୍ଚଳରେ ଛୋଟ ଶିଶୁଙ୍କ ସମେତ ବୃଦ୍ଧାବୃଦ୍ଧମାନେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ରାଜସ୍ୱ କର୍ମଚାରୀମାନେ ଲୋକଦେଖାଣିଆ ଇଟାଭାଟି ମାଲିକଙ୍କ ନିକଟକୁ ଆସି କିଛି ଫାଇନ୍ ଆଦାୟ କରିବା ବଦଳରେ ହାତ ଚିକ୍କଣ କରି ଚୁପ୍ ହୋଇ ଚାଲି ଯାଉଛନ୍ତି। ଏଥିପାଇଁ ରାଜସ୍ୱ କର୍ମଚାରୀମାନେ ଦାୟୀ ଅଟନ୍ତି। ସାମାଜିକ କର୍ମୀ ଅନନ୍ତ ଦାଶ କୁହନ୍ତି, କେନ୍ଦ୍ରାପଡ଼ା ଏକ କୃଷିପ୍ରଧାନ ଜିଲା ଭାବେ ପରିଚିତ। ବହୁ ନଦୀନାଳ ଜିଲାରେ ପ୍ରବାହିତ। ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ପାଖ ଦେଇ ବ୍ରାହ୍ମଣୀ ଓ ଗୋବରୀ ନଦୀର ଅବବାହିକା ଅଞ୍ଚଳରେ ଥିବା ମାଟି ଦୋରସା ଓ ବାଲିଆ ହୋଇଥିବାରୁ ସେଠାରେ ବିଭିନ୍ନ କୃଷିଜାତ ଫସଲ ଓ ପନିପରିବା କରି ଚାଷୀମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର କିଛିବର୍ଷ ହେବ ବ୍ୟବସାୟୀମାନେ ନଦୀ ପଠାରେ ଇଟାଭାଟି କରିବା ସହ ଜିଲା ଓ ଜିଲା ବାହାରକୁ ନାଲି ଇଟା ବିକ୍ରୟ କରୁଛନ୍ତି। ଏହାଦ୍ୱାରା ଶତାଧିକ ଏକର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏ ଦିଗରେ ତହସିଲଦାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଇଟାଭାଟିଗୁଡିକ ବନ୍ଦ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଉପରେ ପଦକ୍ଷେପ ତହସିଲଦାର ନେବେ ବୋଲି ସେ କହିଛନ୍ତି। ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ଦମକଳ ବାହିନୀ ଓ ପୋଲିସ ଫୋର୍ସ ନେଇ ବେଆଇନ ଇଟାଭାଟି ଉପରେ ଚଢାଉ କରାଯାଇ କଞ୍ଚା ଇଟାଗୁଡିକୁ ନଷ୍ଟ କରାଯିବ। ପୋଡ଼ା ଯାଇଥିବା ଇଟାଗୁଡିକୁ ନିଲାମ କରାଯାଇ ରାଜସ୍ୱ ଭରଣା କରାଯିବ ବୋଲି ସେ କହିଛନ୍ତି।

## ତୃଣମୂଳରେ କେନ୍ଦ୍ରୀୟ ଯୋଜନା ପାଇଁ ଆହ୍ୱାନ

### ଭାଜପା ଲୋକସଭା ପ୍ରବାସ ବୈଠକ ଅନୁଷ୍ଠିତ

**କେନ୍ଦ୍ରାପଡ଼ା ଅଫିସ, ୧୪।୫**

କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ସ୍ୱୟଂସିଦ୍ଧା ମଣ୍ଡପ ପରିସରରେ ଭାଜପାର ଲୋକସଭା ପ୍ରବାସ ଯୋଜନାର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, ରାଜ୍ୟ କର୍ମକର୍ତ୍ତା ଲେଖାଶ୍ରୀ ସାମନ୍ତସିଂହାର, ବିନୋଦଶ୍ରୀ ଦାସ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ରିପୋର୍ଟ କାର୍ଡ ସଂଗ୍ରହ ସହ କେନ୍ଦ୍ରୀୟ ଯୋଜନାର ସଫଳତା ଜିଲାର ତୃଣମୂଳସ୍ତରରେ ପହଞ୍ଚାଇବାକୁ ଯୋଗ ଦେଇଥିବା ସମ୍ମାନୀତ ଅତିଥିମାନେ ଆହ୍ୱାନ ଦେଇଥିଲେ। ସେମାନେ କହିଥିଲେ, ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲାର ନେତା ଓ କର୍ମକର୍ତ୍ତାଙ୍କୁ ସଙ୍ଗଠିତ ହେବାକୁ ପଡ଼ିବ। କର୍ମୀଙ୍କ ସାଙ୍ଗରେ ଧରି ପ୍ରତ୍ୟେକ ଗ୍ରାମରେ କେନ୍ଦ୍ରୀୟ ଯୋଜନା ପହଞ୍ଚୁଛି କି ନାହିଁ, ତାହା ତଦାରଖ କରନ୍ତୁ। ଏହାବ୍ୟତିତ ବୁଥ ଲେବୁଲରେ ଶକ୍ତି ବୃଦ୍ଧି ପାଇଁ ସଙ୍ଗଠନକୁ ଗୁରୁତ୍ୱ ଦେବାକୁ ଏଠାରେ ମତ ଦିଆଯାଇଥିଲା। ବୈଠକରେ ବରିଷ୍ଠ ନେତା ବୈଦନାଥ ଚାଟାର୍ଜୀ, ଭୁବନ ମୋହନ ଜେନା, ସୁନାକର ବେହେରା, ଅଲେଖ ଜେନା, ବ୍ରଜ ସୁନ୍ଦର ଭୂୟାଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


ବୈଠକକୁ ଭାଜପାର ନେତୃମଣ୍ଡଳୀ ଉଦ୍‌ଘାଟନ କରୁଛନ୍ତି।

# ଦୃଢ଼ ଇଚ୍ଛାଶକ୍ତି କଠିନ ପରିଶ୍ରମ ସଫଳତାର ଚାବିକାଠି

### ମା'ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି

**ମହାକାଳପଡ଼ା,୧୪।୫ (ଡି.ଏନ.ଏ.)**

ଖରାଦିନ ଆସିଲେ ଥଣ୍ଡା ପାନୀୟ ପ୍ରତି ବେଶ୍ ଚାହିଦା ବୃଦ୍ଧି ପାଇଥାଏ। ଡହଡ଼ହ ଖରାରୁ ଟିକେ ଆଶ୍ୱସ୍ତି ପାଇବାକୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଥଣ୍ଡା ପାନୀୟ ପ୍ରତି ମନ ବଳାଇଥାନ୍ତି। ଆଇସ କ୍ରିମ ହେଉ କି କୁଲିଫି ପାଟିରେ ଟିକେ ବାଜୁ ବାଜୁ ଦେହ ମନ ଫୁର୍ତ୍ତି ଲାଗେ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ଅଞ୍ଚଳରେ ଝଡ଼ ହେଉ କି ତୋଫାନ, ଖରା କି ବର୍ଷା ସକାଳୁ ଏକ ଦଦରା ସାଇକେଲରେ ଆଇସ୍ କ୍ରିମ ପେଟି ଲଦି ଗାଁକୁ ଗାଁ ବୁଲି ଆଇସ୍ କ୍ରିମ ବିକ୍ରୟ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି ସୋନାଲି ହାଲଦାର୍ (୩୬)। ସୋନାଲି କୁହନ୍ତି, ନିଜର ଜମିବାଡ଼ି ନ ଥିବାରୁ ଏହି କଷ୍ଟସାଧ ବୃତ୍ତିକୁ ଆପଣେଇଛୁ। ଦିନମାନ ଆଇସ କ୍ରିମ ଯାହା ବିକ୍ରି ହୁଏ ସେଥିରେ ପିଲାମାନଙ୍କ ପାଠପଢ଼ା, ଔଷଧ ପତ୍ର ଓ ଘରର ଅତ୍ୟାବଶ୍ୟକ ଖର୍ଚ୍ଚ ହୋଇଥାଏ। ସମାଜରେ ସଂଘର୍ଷ କରି ଜୀବନ ଜିଇବାକୁ ପ୍ରୟାସ କରୁଛି। ଆଇସ କ୍ରିମ ବିକ୍ରୟ କରିବାକୁ ଗଲା ବେଳେ ଖରାବର୍ଷା ସାମ୍ନା କରିବାକୁ ପଡ଼େ। ଶ୍ରଦ୍ଧାର ସହ ପିଲାମାନେ ଆସି ଆଇସ କ୍ରିମ ନେଇଥାନ୍ତି। ବେଳେ ବେଳେ ଏମିତିବି ହୁଏ କୁନି କୁନି ପିଲାମାନଙ୍କ ଅଝଟ ଦେଖି ମାଗଣାରେ ଆଇସ କ୍ରିମ ଦେଇଥାଏ। ଇଚ୍ଛା ନ ଥିଲେ ମଧ ଏହି ବ୍ୟବସାୟ କରିବାକୁ ପରିସ୍ଥିତି ବାଧ କରିଛି। ଦୃଢ଼ ଇଚ୍ଛାଶକ୍ତି କଠିନ ପରିଶ୍ରମ ବଳରେ ସବୁ ସମ୍ଭବ ହୋଇଥାଏ ବୋଲି ସୋନାଲି କହିଛନ୍ତି। ରବିବାର ବିଶ୍ୱ ମାତୃ ଦିବସରେ ସୋନାଲି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।


ସାଇକେଲରେ ଆଇସକ୍ରିମ୍ ପେଟି ଲଦି ସୋନାଲି ହଲ୍‌ଦାର ବିକ୍ରି କରୁଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଥାନାରେ ଅଟକ

**ବାଲିଗୁଦା,୧୪।୫(ସ୍ୱ.ପ୍ର.)**

ଟ୍ୟୁଶନରୁ ଫେରୁଥିବାବେଳେ ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ରାସ୍ତାରୁ ଟେକି ନେଇ ବଳାତ୍କାର ଉଦ୍ୟମ କରାଯାଇଛି। ହେଲେ ସାଙ୍ଗରେ ଆସିଥିବା ୨ ଜଣ ସାଙ୍ଗଙ୍କ ପାଇଁ ସେ ରକ୍ଷା ପାଇଯାଇଛନ୍ତି। ବାଲିଗୁଦା ଥାନା ଅଞ୍ଚଳରେ ରବିବାର ଏହି ଘଟଣା ଘଟିଛି। ଏହି ଥାନା ଅଞ୍ଚଳର ଅଭିଯୁକ୍ତ ସରୋଜ କାଣ୍ଡିଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ନାବାଳିକା ଜଣକ ଦୁଇ ସାଙ୍ଗଙ୍କ ସହ ରବିବାର ଟ୍ୟୁସନରୁ ଦିନ ପ୍ରାୟ ୯ଟାବେଳେ ଫେରୁଥିବାବେଳେ ବଜାର ନିକଟରେ ଥିବା ହନୁମାନ ମନ୍ଦିର ପାଖରେ ସରୋଜ ତାଙ୍କୁ ରାସ୍ତାକୁ ଟେକି ନେଇ କିଛି ଦୂରକୁ ଚାଲିଯାଇଥିଲେ। ସେଠାରେ ସମ୍ପୃକ୍ତ ନାବାଳିକାଙ୍କ ସହ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସାଥିରେ ଥିବା ୨ ସାଙ୍ଗ ବଜାରକୁ ଧାଇଁ ଆସି ଚିତ୍କାର କରିଥିଲେ। ପିଲାଙ୍କ ପାଟିଶୁଣି କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିବା ସହ ସରୋଜଙ୍କୁ କାବୁ କରି ପୋଲିସରେ ଖବର ଦେଇଥିଲେ। ବାଲିଗୁଦା ଥାନା ଓ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ସାଙ୍ଗରେ ନେଇଛନ୍ତି। ଏନେଇ ଥାନାରେ ମାମଲା (ନଂ. ୨୧୮/୨୩) ରୁଜୁ ହୋଇଛି।

## ପୃଥିବୀ ସୁରକ୍ଷା ସମ୍ପର୍କରେ କର୍ମଶାଳା

**ଡେରାବିଶ,୧୪।୫ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗସ୍ଥିତ ଜୟଭାରତୀ ସାଥୀ ସମାଜ ସଭାଗୃହରେ 'ସେଭ୍ ଆର୍ଥ ମିଶନର' ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ସାଥୀ ସମାଜର ସମ୍ପାଦକ ସାମାଜିକ କର୍ମୀ ନିରଞ୍ଜନ ସାହୁ ଏହି କର୍ମଶାଳାର ଅଧକ୍ଷତା କରିଥିଲେ। ମିଶନର କର୍ମକର୍ତ୍ତା ବସନ୍ତ କୁମାର ପ୍ରଧାନ, ଜଗନ୍ନାଥ କାଳିଆ, ବିଜୟ କୁମାର ପ୍ରଧାନ, ପ୍ରଭାତ କୁମାର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପୃଥିବୀ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସଙ୍ଗଠନ, କୃଷକ, ନାରୀନେତ୍ରୀ ଓ ପ୍ରକୃତିପ୍ରେମୀମାନେ ଯୋଗଦାନ କରି ପୃଥିବୀ ସୁରକ୍ଷା ଉପରେ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ରଖିଥିଲେ। ଗୋଷ୍ଠୀ ସହଭାଗିତା ଓ ସଚେତନତା ସୃଷ୍ଟି ଉପରେ ଧାନ ଦେବା ସହ ଆର୍ଥିକ ଅଭିବୃଦ୍ଧି ଉପରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ପାଇଁ ଆଲୋଚନାରେ ମତବ୍ୟକ୍ତ କରିଥିଲେ। ବିଶ୍ୱ ତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଅଙ୍ଗାରକାମ୍ଳ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ବୃକ୍ଷରୋପଣ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି, ବୈଦ୍ୟୁତିକ ଯାନ ବ୍ୟବହାର ଓ ଶୀତତାପ ନିୟନ୍ତ୍ରଣରେ ବାହ୍ୟତାପ ହ୍ରାସ ପାଇଁ ସଚେତନ ସୃଷ୍ଟି କରିବାରେ ପ୍ରତ୍ୟେକ ପରିବାର ଧାନ ଦେବାକୁ ସହମତି ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସାଥୀ ସମାଜର ସଂଯୋଜିକା ମନୋରମା ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। କର୍ମଶାଳା ପରିଚାଳନାରେ ସୌଦାମିନୀ ବିଶ୍ୱାଳ, କୈଳାସ ଚନ୍ଦ୍ର ବେଦାନ୍ତ ଓ ଭଜହରୀ ସେଠୀ ସହଯୋଗ କରିଥିଲେ।


କର୍ମଶାଳାରେ ଉପସ୍ଥିତ ଲୋକମାନେ।

# ପରିବାର ଗଠନରେ ରାମାୟଣର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବିରିଡ଼ି, ୧୪।୫ (ଡି.ଏନ.ଏ)**

ଆଦର୍ଶ ଭାତୃତ୍ୱଭାବ ଓ ପରିବାର ଗଠନ ଦିଗରେ ରାମାୟଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାମଚରିତ ପରିବେଷଣ ମାଧ୍ୟମରେ ସମାଜରେ ଦିଗ୍‌ଦର୍ଶନ ଦେବା ସାଧୁସନ୍ଥମାନଙ୍କ କର୍ତ୍ତବ୍ୟ। ଜୀବନ ଯାଉପଛେ ବଚନ ରକ୍ଷା କରିବାର ଦର୍ଶନକୁ ମଣିଷ ଭୁଲିଯିବାରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ତେଣୁ ପ୍ରତିଟି ମଣିଷ ରାମାୟଣ ଦର୍ଶନରେ ଉଦ୍‌ବୁଦ୍ଧ ହୋଇ ଜୀବନ ନିର୍ବାହ କଲେ ମଣିଷ ଜୀବନ ମାର୍ଜିତ ହେବା ସହ ସୁନ୍ଦର ସଂସାରଟିଏ ଗଠନ କରିହେବ ବୋଲି ସାଧୁସଙ୍ଗ ରାମରଙ୍ଗ କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ମତବ୍ୟକ୍ତ କରିଛନ୍ତି। ମା'ଦେବୀ ଦୁର୍ଗାମନ୍ଦିର ପ୍ରାଙ୍ଗଣରେ ଆଧାତ୍ମିକ ସେବାସଂଘ ବାଲିଆ ପକ୍ଷରୁ ୯ ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତ୍ରୈଲୋକ୍ୟନାଥ ଦାସ ମହାରାଜ, ସାଧୁ ମୁକୁନ୍ଦ କୃଷ୍ଣ ଦାସ, କେଶବ ଦ୍ୱିତୀକୃଷ୍ଣ, ପଣ୍ଡିତ ପଦ୍ମଲାଭ ତ୍ରିପାଠୀ, ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, ପଣ୍ଡିତ ରବି ନାରାୟଣ ପଣ୍ଡା, ପଣ୍ଡିତ ଅନିଲ ଦାସ, କଣ୍ଠ ଶିଳ୍ପୀ ଶିବପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଆଇସିଏସ୍‌ଇ ପରୀକ୍ଷା: ବେଥାନୀ ସ୍କୁଲକୁ ଶତପ୍ରତିଶତ ସଫଳତା

**ପାରାଦୀପ,୧୪।୫(ସ୍ୱ.ପ୍ର.)**

ଆଇସିଏସ୍‌ଇ ଦଶମ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ପାରାଦୀପର ବେଥାନୀ କନଭେଣ୍ଟ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି। ଚଳିତବର୍ଷ ୬୪ ଜଣ ପରୀକ୍ଷା ଦେଇଥିଲେ। ସମସ୍ତେ ପାଶ କରିଛନ୍ତି। ଏଥିରେ ୯୦ ପ୍ରତିଶତରୁ ଅଧିକ ୧୧ ଜଣ ଶିକ୍ଷାର୍ଥୀ ରହିଛନ୍ତି। ସେଥିରେ ପ୍ରଥମ ସ୍ଥାନରେ ଆୟୁଷ କୁମାର କର (୯୫.୦୮%), ଦ୍ୱିତୀୟରେ ସ୍ନେହା ସାହୁ (୯୫.୦୪%), ଓ ତୃତୀୟରେ ସୁବ୍ରତ କୁମାର ନାୟକ (୯୫.୦୪%) ରହିଛନ୍ତି ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି।

# ବୋଉର ଋଣ ଶୁଝିବା ଅସମ୍ଭବ

### ମାତୃ ଦିବସରେ ବୋଉ ଶୀର୍ଷକ ରାଜ୍ୟସ୍ତରୀୟ କବିତା ପାଠ

**ତିର୍ତ୍ତୋଲ, ୧୪।୫ (ଡି.ଏନ.ଏ.)**




ଦୁନିଆରେ ସବୁ ଋଣ ଶୁଝିବାର ସୁଯୋଗ ମିଳିପାରେ କିନ୍ତୁ ବୋଉର ଋଣ ଜନ୍ମ ଜନ୍ମାନ୍ତରରେ ବି ଶୁଝିବା ଅସମ୍ଭବ ବୋଲି ବିଶ୍ୱ ମାତୃ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ମୁନି ଗୋସାଇଁ ମଠ ପରିସରରେ କୁଜଙ୍ଗର ପ୍ରିୟବନ୍ଧୁ ଆନୁକୂଲ୍ୟରେ ଆୟୋଜିତ ମାତୃ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ବୋଉ ଶୀର୍ଷକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ହୋଇଥିଲା। କବି ପ୍ରଭାତି ମାଝି ଓ କବି ଦିଗମ୍ବର ରାଉତ ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏନେଇ ଆୟୋଜିତ ସଭାରେ ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲକ ବିହାରୀ ପଲାଇ ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବେ ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅଧାପିକା ସଞ୍ଜୁକ୍ତା ତ୍ରିପାଠୀ, ଗାଳ୍ପିକ ଦୀପ୍ତି ଖଣ୍ଡୁଆଳ, ଅଧାପିକା ରାଜଶ୍ରୀ ସ୍ୱାଇଁ, କବି ଅମର ଜ୍ୟୋତି ସାହୁ, ସୁରେଶ ଚନ୍ଦ୍ର ମହାନ୍ତି, ବାସବ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅଧାପିକା ରୋଜାଲିନ ଜେନା ସଭାପତିତ୍ୱ କରିଥିଲେ। ମଞ୍ଚରେ ଗୀତିକାର ରଘୁନାଥ ସାହୁଙ୍କ ବୋଉ ସଙ୍ଗୀତ କ୍ୟାସେଟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଶ୍ୱ ଓଡ଼ିଆ ମହାସଂଘର ସଭାପତି ତଥା ଓଡ଼ିଶା ମୋ ପରିବାରର ସଂଯୋଜକ ଡ. ସୁରେନ୍ଦ୍ର ନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଫେସର ଡ. ବିଷ୍ଣୁପ୍ରିୟା ଦାସ, ପୂର୍ବତନ ଜିଲାପରିଷଦ ଅଧକ୍ଷା ସବିତା ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା ନାଟ୍ୟକାର ମହେନ୍ଦ୍ର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। କବି ନଗେନ୍ଦ୍ର ନାଥ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଝୁଲରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିକବି ସାଂସ୍କୃତିକ ପରିଷଦର ସମ୍ପାଦକ ଚିତ୍ତରଞ୍ଜନ ପରିଡାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରଶାସନିକ ଉଦାସୀନତା, ସଚେତନତା ଅଭାବ ଜଳବନ୍ଦୀର କାରଣ'

**କୁଜଙ୍ଗ ୧୪।୫ (ଡିଏନ୍ଏ)**

ଜଗତ୍‌ସିଂହପୁର ଜିଲା ଦ୍ୱିତୀୟ ବୃହତ୍ତମ ପ୍ରଶାସନିକ ଓ ବାଣିଜ୍ୟିକ କେନ୍ଦ୍ର ରୂପେ କୁଜଙ୍ଗ ପରିଚିତ। ମାତ୍ର ୮୦ ଦଶକରୁ ଏଠାରେ ଜଳବନ୍ଦୀ ସମସ୍ୟା ଲାଗି ରହିଛି। ଜନ ସଚେତନତା, ସମ୍ମିଳିତ ଉଦ୍ୟମ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁ ଦୀର୍ଘ ୪୦ ବର୍ଷ ହେବ ଅଞ୍ଚଳବାସୀ ଏହି ସମସ୍ୟାରୁ ମୁକ୍ତ ହୋଇପାରୁନାହାନ୍ତି ବୋଲି ରବିବାର କୁଜଙ୍ଗ ପଞ୍ଚାୟତ ସମିତିସଭା ଗୃହରେ ବୁଦ୍ଧିଜୀବୀମାନଙ୍କୁ ନେଇ 'ଜଳବନ୍ଦୀରୁ ମୁକ୍ତିକେବେ' ଶୀର୍ଷକ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଆଲୋଚନା ଚକ୍ରରେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଆଇନଜୀବୀ ରମେଶ ଚନ୍ଦ୍ର ଦାସ, ଏନ୍‌ଏନ୍‌ଡି ଯାଦବ, ଗତିକୃଷ୍ଣ ଶତପଥୀ, ଗଣ ସଙ୍ଗଠକ ବାବୁରାମ ଚୌଧୁରୀ, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ଅରୁପ୍ରସାଦ ମହାନ୍ତି, ଶ୍ରମିକ ନେତା ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ଦୁଷ୍ମନ୍ତ ମାଝୀ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଚିତ୍ରାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଆଲୋଚନାରେ ପୂର୍ବରୁ ଯେଉଁସବୁ ଜଳ ନିଷ୍କାସନ ପଥ ଥିଲା ତାହା ପ୍ରଶାସନିକ ଉଦାସୀନତା ଯୋଗୁ ବନ୍ଦ ହୋଇଯାଇଛି ବୋଲି କୁହାଯାଇଥିଲା। ଭିନ୍ନ ଭିନ୍ନ ସମୟରେ ତହସିଲଦାରମାନେ ସେସବୁର କିସମ ପରିବର୍ତ୍ତନ କରି ଘରବାରି କରିଦେବାରୁ ତାହା ବର୍ତ୍ତମାନ ପାଇଁ ସମସ୍ୟା ସୃଷ୍ଟି କରିଛି। ଅନ୍ୟପଟେ ଜୁଆରିଆ ହଳଦୀପାଣି ନଦୀ, ସନ୍ତରା ନଦୀ କ୍ରମଶଃ ଘେରି ବନ୍ଧ ଓ ସର୍ବୋପରି ଶିଳ୍ପ କାରଖାନାମାନେ ନଦୀକୁ ପୋତିଦେବା ଫଳରେ ଜଳ ନିଷ୍କାସନ ସମ୍ଭବ ହୋଇପାରୁନାହିଁ। ଏସବୁ ପ୍ରଶାସନର ଦାୟିତ୍ୱ ହୋଇଥିଲେ ବି ନୀରବଦ୍ରଷ୍ଟା ପାଲଟିଛି। ଏହା ଜଳ ନିଷ୍କାସନ ପଥ ଅବରୋଧକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଉଛି। କୁଜଙ୍ଗ ବଜାରର ନିର୍ଦ୍ଦିଷ୍ଟ ମାଷ୍ଟର ପ୍ଲାନ୍ କରା ନ ଯାଇ ପ୍ରଶାସନ ଓ ରାଜନେତାମାନେ ମନମୁଖିଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ନିଷ୍କାସନ ପଥ ଅବରୋଧ କରିଛନ୍ତି। ପୂର୍ବତନ ଏମ୍‌ପି ଡା. ସାମଲ ୨୦୧୮ରେ ଡ୍ରେନେଜ୍ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଆଣି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ କହିଥିବାବେଳେ ଜନସାଧାରଣଙ୍କ ସହଯୋଗ ନ ମିଳିବାରୁ ଉଦ୍ୟମ ଫସର ଫାଟିଯାଇଥିଲା ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଜଳ ନିଷ୍କାସନ କିପରି ହେବ ପରାମର୍ଶ ଦେବା ସହ ସେମାନଙ୍କ ସହଯୋଗରେ କିପରି ନିଷ୍କର୍ଷ ବାହାରିବ ସେଥି ନିମନ୍ତେ ଉଦ୍ୟମ କରାଯିବ ବୋଲି ଏହି ଅବସରରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, କୃଷକ ନେତା ନୂତନ ତ୍ରିପାଠୀ, କବି ପ୍ରସାଦ ବେହେରା, ସାହିତ୍ୟିକ ଅନଙ୍ଗ ମହାପାତ୍ର, ସାରସ୍ୱତ ସାଧିକା ଗୀତା ଦାସ, ଜୟନ୍ତୀ ଦାସ, ମଞ୍ଜୁଶ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।


ଆଲୋଚନାଚକ୍ରରେ ଭାଗନେଇଥିବା ଲୋକେ।

## ସଂକ୍ଷେପରେ

### ଆବଶ୍ୟକ କାଗଜପତ୍ର ଥାଇ ଭତ୍ତାରୁ ବଞ୍ଚିତ ୨ ଦିବ୍ୟାଙ୍ଗ

ଦଶମନ୍ତପୁର, ୧୪।୫ ( ଡି.ଏନ.ଏ. ): ଗୋଟିଏ ଗ୍ରାମର ଦୁଇ ଜଣ ଦିବ୍ୟାଙ୍ଗ ଭତ୍ତା ପାଇବା ପାଇଁ ଘୂରି ବୁଲୁଛନ୍ତି ବିଭିନ୍ନ କାର୍ଯ୍ୟାଳୟ। ଆବଶ୍ୟକ କାଗଜପତ୍ର ସହ ସେମାନେ ଆବେଦନ କରୁଥିଲେ ମଧ ପ୍ରଶାସନ ସେମାନଙ୍କ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ମାଲିଚେମା ଗ୍ରାମର ସାରିଆ ପରଜା ଏବଂ ମନ୍ଦା ପରଜା ଉଭୟେ ଦିବ୍ୟାଙ୍ଗ। ଏମାନେ ବହୁବାର ଆବଶ୍ୟକ କାଗଜପତ୍ର ସହ ଫର୍ମ ପୂରଣ କରି ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ଭତ୍ତା ମିଳି ନ ଥିବା ପ୍ରକାଶ କରିଛନ୍ତି। ତେବେ ମନ୍ଦା ପରଜାଙ୍କ କହିବାନୁସାରେ ୫ ବର୍ଷ ତଳେ ସେ ଜାଳେଣି କାଠ ପାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ପଡିଯାଇ ଭିନ୍ନକ୍ଷମ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ମନ୍ଦା। ସେପରି ସାରିଆ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ନିଜେ ଦୃଷ୍ଟି ଶକ୍ତି ହରାଇଛନ୍ତି। ଏହି ଦୁଇ ଭିନ୍ନକ୍ଷମଙ୍କୁ ଭତ୍ତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସତ୍ୟସାଇ ସେବା ସଙ୍ଗଠନର ଅମୃତବିନ୍ଦୁ କାର୍ଯ୍ୟକ୍ରମ

ଜୟପୁର, ୧୪।୫ (ନି.ପ୍ର.)-ସତ୍ୟସାଇ ସେବା ସଙ୍ଗଠନ ତରଫରୁ ଅମୃତ ବିନ୍ଦୁ କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଜୟପୁର ଏମଜିରୋଡସ୍ଥିତ ସତ୍ୟସାଇ ସେବା ସମିତି କାର୍ଯ୍ୟାଳୟରେ ହୋଇଥିବା ଏହି ଶିବିରରେ ସମିତି ସଦସ୍ୟମାନେ ରକ୍ତଦାନ କରିଥିଲେ। ମୋଟ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଜିଲା ଚିକିତ୍ସାଳୟ ତରଫରୁ ଡାକ୍ତର ଏସ୍‌ଏସ୍ ମିଶ୍ର, ଜିଲା ସଭାପତି କେ. ମାର୍କଣ୍ଡେୟ ସରାଫ, କେ ମୋହନ ରାଓ ଆଚାରି, ଏସ. ରମେଶ ଗୁପ୍ତା, ଏମ. ଭେଙ୍କେଟରାଓ ପ୍ରମୁଖ ଉପସ୍ଥିତଥିଲେ।

### ବାଲିମେଲାରେ ବଢୁଛି ବେଆଇନ ଗାଡ଼ି ପାର୍କିଂ

ବାଲିମେଲା,୧୪।୫(ଡି.ଏନ.ଏ.)- ବେଆଇନ ଗାଡି ପାର୍କିଂ ଯୋଗୁ ମାଲକାନଗିରି ଜିଲାର ବାଲିମେଲା ସହରର ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ନିଆଯାଉନି। ଫଳରେ ସହରବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଲାଣି। ୧୯୮୪ରେ ବାଲିମେଲା ଏନଏସି ମାନ୍ୟତା ପାଇଥିଲା। ଦୀର୍ଘ ବର୍ଷ ପରେ ସୁଦ୍ଧା ଏନଏସି କର୍ତ୍ତୃପକ୍ଷ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୋଣସି ସ୍ଥାନରେ ଟ୍ରାଫିକ ପୋଷ୍ଟ ସ୍ଥାପନ କିମ୍ବା ପାର୍କିଂ ସୁବିଧା କରିପାରିନାହାନ୍ତି। ଏଥି ଯୋଗୁ ବେଆଇନ ଗାଡି ପାର୍କିଂ ବଢି ଚାଲିଥିବା ଅଭିଯୋଗ ହେଉଛି। ବିଶେଷକରି ସହରର ମୁଖ୍ୟ ଛକ ତଥା ଗୋପବନ୍ଧୁ ଛକ, ନାଲା ଛକ, ନୂଆ ବସଷ୍ଟାଣ୍ଡ, ଛକଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଲୋକେ ବେଆଇନ ଗାଡି ପାର୍କିଂ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହରରେ ଗାଡି ପାର୍କିଂ ପାଇଁ ସ୍ଥାନ ନିର୍ଦ୍ଧାରଣ କରାଯାଇ ନ ଥିବାରୁ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଷ୍ଟେଟ ବ୍ୟାଙ୍କ, ଦୈନିକ ବଜାର, କାଳୀଛକ, ଗୋପବନ୍ଧୁ ଛକ ଓ ଅନ୍ୟାନ୍ୟ ଦୋକାନ ବଜାର ସମ୍ମୁଖରେ ବେଆଇନ ଭାବେ ବାଇକ, ସାଇକେଲ, ଅଟୋ, ଭାରିଯାନ ଓ ଅନ୍ୟାନ୍ୟ ଗାଡି ମୋଟର ପାର୍କିଂ ହେଉଛି।

# ପାରଳା ସହରର ରାସ୍ତାଘାଟ ଶୋଚନୀୟ

## ପ୍ରଶାସନିକ ଦୃଷ୍ଟି ପଡିବ କେବେ?

ପାରଳାଖେମୁଣ୍ଡି, ୧୪।୫ (ଡି.ଏନ୍.ଏ)


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦର ରାସ୍ତାଘାଟ ଶୋଚନୀୟ ଅବସ୍ଥାରେ ଥିବା ବେଳେ ପ୍ରଶାସନର ଦୃଷ୍ଟି କେବେ ପଡିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ସହରର ପ୍ରମୁଖ ରାସ୍ତା ଦୟନୀୟ ହେବାରେ ଲାଗିଛି। ରାଣୀପେଣ୍ଠରୁ ପ୍ରବେଶ କଲା ମାତ୍ରେ ଖାଲଖମା ସହରକୁ ସ୍ୱାଗତ କରୁଥିବା ବେଳେ ସହର ମଧ୍ୟରେ ମୁଖ୍ୟ ରାସ୍ତାଗୁଡିକର ଅବସ୍ଥା ଦୟନୀୟ ଦେଖିବାକୁ ମିଳୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ପୋଲିସ ଷ୍ଟେଶନ ଛକ ଠାରୁ ମେଡିକାଲ ଛକ ଦେଇ ସିନେମା ହଲ ଛକ, ଗାନ୍ଧୀ ଛକ ଠାରୁ ପୁରୁଣା କୋର୍ଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଗୁଡିକ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ସାମାନ୍ୟ କାଳବୈଶାଖୀ ବର୍ଷାରେ ମଧ ରାସ୍ତାଗୁଡ଼ିକ କର୍ଦ୍ଦମାକ୍ତ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହି କର୍ଦ୍ଦମାକ୍ତ ରାସ୍ତାରେ ସହରବାସୀ ଯାତାୟତ କରୁଥିବା ବେଳେ ଖାଲଖମାରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ପ୍ରମୁଖ ରାସ୍ତା ଗୁଡିକର ଉନ୍ନତିକରଣ ଏବଂ ସୁଦୃଢ଼ ରାସ୍ତା ନିର୍ମାଣ ପାଇଁ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ପୂର୍ତ୍ତ ବିଭାଗକୁ ଗତ କିଛି ବର୍ଷ ପୂର୍ବେ ପୌରପରିଷଦ ପକ୍ଷରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ହେଲେ ପୂର୍ତ୍ତବିଭାଗ ଏହି ମୁଖ୍ୟ ରାସ୍ତାଗୁଡିକର ଉନ୍ନତି, ନିର୍ମାଣ, ରକ୍ଷଣାବେକ୍ଷଣ କରିବ କ'ଣ ଦାୟିତ୍ୱ ନେବା ପରଠାରୁ ସ୍ଥାଣୁ ପାଲଟିଯାଇଛି। ୨୦୨୦-୨୧ କରୋନା କଟକଣା ସମୟରେ ମେଡିକାଲ ରାସ୍ତାର ଫ୍ରେଣ୍ଡସ କଲୋନୀ ଠାରୁ ପୁରୁଣା କୋର୍ଟ ଛକ ପର୍ଯ୍ୟନ୍ତ ଅତି ତରବରିଆ ଏବଂ ଯୋଜନା ବିହୀନ ଭାବେ ରାସ୍ତା ନିର୍ମାଣ କରିଥିଲା। ବର୍ତ୍ତମାନ ଏହି ରାସ୍ତାର ସିମେଣ୍ଟ କଂକ୍ରିଟ ସ୍ଥାନେ ସ୍ଥାନେ ଉଠିଯାଇଥିବା ବେଳେ ସମଗ୍ର ରାସ୍ତାର ଚିପ୍ସ ବା ଗୋଡି ଗୁଡିକ ବାହାରି ପଡିଲାଣି। ଏହାସହ ଏହି ରାସ୍ତାର ଜଙ୍ଗମସାହି ଛକ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନକରି ଛାଡି ଦିଆଯାଇଛି। ଗାନ୍ଧୀ ଛକଠାରୁ ପୁରୁଣା କୋର୍ଟ ଛକ ରାସ୍ତା ଅବସ୍ଥା କଦର୍ଯ୍ୟ ହୋଇପଡିଛି। ସେହିପରି ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ସାହି ବସ୍ତି ରାସ୍ତା ମଧ ଖାଲଖମାରେ ପରିପୂର୍ଣ୍ଣ ହୋଇପଡିଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସାହି ବସ୍ତି ରାସ୍ତାଘାଟର ଅବସ୍ଥା ମଧ ଅନୁରୂପ। ସହରର ୧୬ଟି ୱାର୍ଡର ବିଭିନ୍ନ ସାହି ବସ୍ତିରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାଇପଲାଇନ ସଂଯୋଗୀକରଣ ପାଇଁ ରାସ୍ତାଗୁଡିକୁ ଖନନ କରାଯାଇଥିଲା। ହେଲେ ସେହି ସ୍ଥାନମାନଙ୍କରେ ଉପଯୁକ୍ତ ସିମେଣ୍ଟ ଗୋଡି ଆଦି ନ ପକାଯିବା ଯୋଗୁଁ ସେଗୁଡିକ ଖାଲଖମାରେ ପରିଣତ ହୋଇଛି। ସେହିପରି ପୌରପରିଷଦ କଥା ନ କହିଲେ ଭଲ। ସହରର ନାନାଦି ସମସ୍ୟା ଲାଗି ରହିଥିଲେ ମଧ ବର୍ତ୍ତମାନ ମୁଖ୍ୟ ସମସ୍ୟା ମଧରେ ରାସ୍ତାଘାଟ ଥିବାରୁ ଏଥିପ୍ରତି ସରକାର ଦୃଷ୍ଟି ଦେଇ ସହରର ସୌନ୍ଦର୍ଯ୍ୟକରଣ ଓ ରାସ୍ତାଘାଟର ସୁବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ପାଇଁ ପାରଳା ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ଭଞ୍ଜନଗର ଯାତ୍ରା, ମିନାବଜାରରେ ଅସମ୍ଭାଳ ଭିଡ଼


ମାନସିକ ବେଶଧାରୀ ନଗର ଭ୍ରମଣ କରୁଛନ୍ତି।

ଭଞ୍ଜନଗର, ୧୪।୫(ଡି.ଏନ.ଏ)

ଭଞ୍ଜନଗର ଠାକୁରାଣୀ ଯାତ୍ରା ଏବଂ ମିନାବଜାରରେ ଅସମ୍ଭାଳ ଭିଡ଼ ଜମୁଛି। ଦୈନିକ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତ୍ରା ଦେଖିବାକୁ ଆସୁଛନ୍ତି। ଆଗକୁ ଆହୁରି ଭିଡ ବଢିବା ସମ୍ଭାବନା ରହିଛି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ବଢାଇବା ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସାହି ଗଳିକନ୍ଦିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ମେଢ଼ ନିର୍ମାଣ ହୋଇଛି। ଏଥିସହ ମାନସିକ ବେଶଧାରୀଙ୍କ ସଂଖ୍ୟା ମଧ ବଢୁଛି। ଆଜି ସନ୍ଧ୍ୟାରେ କବିସମ୍ରାଟ ରଙ୍ଗମଞ୍ଚରେ ସଂସ୍କୃତି ବିଭାଗ ପକ୍ଷରୁ ଗୋଟିପୁଅ ନୃତ୍ୟ ଏବଂ ଗୁରୁ ରବି ଦାସଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଶନିବାର ଗୁରୁ ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଚାନ୍ଦିନୀ ସିଂ ଏବଂ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏନ୍‌ଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି କର୍ମକର୍ତ୍ତା ବିନୟ ରଥ, ମୁରଲୀ ପଣ୍ଡା, ଶୂଳ ପାଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହିଭଳି ପରିସ୍ଥିତିରେ ସନ୍ଧ୍ୟାରେ ଦେବୀ ଅସ୍ଥାୟୀ ମଣ୍ଡପରୁ ପୂର୍ବ ମୁଖା ହୋଇ ବାହାରିବା ପରେ ମରାଠୀ ସାହି, ରେଡକ୍ରସ ରୋଡ ହୋଇ ବିଳମ୍ବିତ ରାତିରେ ଦେବୀ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ବିଶ୍ରାମ ନେଇଥିଲେ।

# ୪୨ କଳାକୁଞ୍ଜରେ ମା'ଙ୍କୁ ଆମନ୍ତ୍ରଣ





## ମା' ଘୋଷାମଣୀ ଠାକୁରାଣୀ ଯାତ୍ରା

କୁକୁଡାଖଣ୍ଡି,୧୪।୫

କୁକଡ଼ାଖଣ୍ଡି ଗ୍ରାମର ଇଷ୍ଟ ଦେବି ମା' ଘୋଷାମଣୀ ଠାକୁରାଣୀଙ୍କ ଦଶଦିନାତ୍ମକ ଯାତ୍ରା ରବିବାର ସପ୍ତମ ଦିବସରେ ପହଞ୍ଚିଛି। ଯାତ୍ରା ସକାଶେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ବାନାମାଳ ସହ ଆଲୋକ ମାଳରେ ସମ୍ପୂର୍ଣ୍ଣ କୁକୁଡ଼ାଖଣ୍ଡି ଗ୍ରାମ ଝଲସି ଉଠିଥିଲା । ପ୍ରାତଃହରୁ ମାନସିକ ଧାରୀ ଭକ୍ତମାନେ କୃଷ୍ଣ, ବଳରାମ, ରାମ, ସୀତା, ହନୁମାନ, ବାଘ, ବାଘୁଣୀ, ଡାହାଣୀ, ଅସୁରୁଣୀ, କାଚରା ସମେତ ବିଭିନ୍ନ ଗୋଷ୍ଠୀଗତ ବେଶ ପରିଧାନ କରି ଗ୍ରାମ ପରିକ୍ରମା କରିଥିଲେ। ବାଘବେଶ ଯାତ୍ରାକୁ ରୋମାଞ୍ଚକର ସୃଷ୍ଟି କରିଥିଲା। ଯାତ୍ରା ସକାଶେ ବହୁ ଗ୍ରାମରୁ ଆସି ପସରା ମେଳିଥିଲା।

ସନ୍ଧ୍ୟା ପରଠାରୁ ଗ୍ରାମର ବିଭିନ୍ନ ସାହିରେ ସ୍ଥାପନ କରିଥିବା ଆକର୍ଷଣୀୟ କଳା କୁଞ୍ଜ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଉଥିଲା। ମା ଘୋଷାମଣୀ ସାଆନ୍ତାଣୀଙ୍କ ଯାତ୍ରା ସକାଶେ ବିଭିନ୍ନ ସାହିରେ ଥିବା ୪୨ କଳାକୁଞ୍ଜ ମଧ୍ୟରେ ମେନ୍ ରୋଡ ଲକ୍ଷ୍ମୀ ନାରାୟଣ, ରୋଡ ଶିରିଡି ସାଇ, ତୋଟା ସାହି ତ୍ରିପୁରା ଦାହ, ଜାଗିଲି ସାହି ପଞ୍ଚ ମୁଖି ହନୁମାନ,ବାଉରି ସାହି ପାତାଳ ଭୈରବୀ, ତେଲଙ୍ଗା ସାହି ଗଜ ଉଦ୍ଧାର, ଗୌଡ଼ ସାହି ରାଧାକୃଷ୍ଣ ରାସ, କରଣ ସାହି ହରିହର ସମନ୍ୱିତ, ରାଥଚକଡ଼ା ସାହି ଲକ୍ଷ୍ମଣ ରଥ, ନୁଆଁ ବନ୍ଧ ସାହି ବିଶ୍ୱରୂପ ରଥ, ନୁଆଁବନ୍ଧ ସାହି ଅନନ୍ତ ବାସୁଦେବ, ଦଣ୍ଡାସୀ ସାହି ଜ୍ୱଳାମୁଖି ରଥ, ଦୋରା ସାହି ଶିବାରୁଢା କାଳୀ ରଥ, ବେହେରା ବନ୍ଧ ସାହି କନକଦୁର୍ଗା ରଥ, ଧୋବା ସାହି ସୁଦାମାଙ୍କ ପାଦୁକା ସେବା, ବିଷ୍ଣୁ, ସମାପେଟା ସାହି ନୀଳ ମାଧ ଦର୍ଶନ, ଚୌଧୁରୀ ନଗର ପଞ୍ଚମୁଖି ଗାୟତ୍ରୀ ମହାଯଜ୍ଞ, ଚୌଧୁରୀ ନଗରଦାସିଆ ବାଉରି, ଚୌଧୁରୀ ନଗର ପର୍ଶୁରାମ ଶାନ୍ତି ନଗର ବୁଦ୍ଧି ପରୀକ୍ଷା, ସୂର୍ଯ୍ୟ ନଗର ସତ୍ୟ ନାରାୟଣ, ରାମ ନଗର ଶିବ ଭକ୍ତ ମାର୍କେଣ୍ଡିୟ ଋଷି, ମେଡିକାଲ ରୋଡ ଜଗନ୍ନାଥ ବଳଭଦ୍ର ସୁଭଦ୍ରା, ଦଶରଥୀ ନଗର କଳିୟ ଦଳନ, ଅରବିନ୍ଦ ନଗର ଅଶୋକ ବନରେ ସୀତା ଠାବ, ଅରବିନ୍ଦ ନଗର ସିଦ୍ଧି ବୁଦ୍ଧି ବିବାହ ବନ୍ଧନ, ଜ୍ୟୋତି ନଗର ଅହଲ୍ୟା ଉଧାର ଆଦି କଳାକୁଞ୍ଜ ଏବଂ ରଥ ସ୍ଥାପନ କରାଯାଇ ମାଙ୍କୁ ଆମନ୍ତ୍ରଣ କରିଥିଲେ। ଭକ୍ତ ମାନଙ୍କୁ ପାନୀୟ ଜଳ ଯୋଗାଣ ସକାଶେ କୁକୁଡାଖଣ୍ଡି ପଞ୍ଚାୟତ ପକ୍ଷରୁ ଜଳ ଛତ୍ର ଯୋଗାଣ କରାଯାଇଥିଲା । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମା'ଙ୍କ ଅସ୍ଥାୟୀ ମନ୍ଦିର ନିକଟରେ ଏକ ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲାଯାଇଥିଲା। ଭିଡକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ସକାଶେ ଏକ ପ୍ଲାଟୁନ ଫୋର୍ସ ମୃତୟନ କରାଯଇଥିଲା। ସନ୍ଧ୍ୟାରେ ଯାତ୍ରା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା' ଘୋଷାମଣୀ ଠାକୁରାଣୀଙ୍କୁ ବିଭିନ୍ନ ପ୍ରକାରର ବାଦ୍ୟ, ବାଜଣା, ଘଣ୍ଟ, ମହୁରୀ, ଶଙ୍ଖ ତାଳେ ତାଳେ ବିଭିନ୍ନ ରକମର ମନୁଷ୍ୟକୃତ ପଶୁ ନୃତ୍ୟ ବାଘ, ଚଇତି ଘୋଡା, ଠାକୁରାଣୀ, ଷଣ୍ଢ ଆଦି ବେଶରେ ସୁସଜ୍ଜିତ କରାଯାଇ ମା'ଙ୍କ ଘଟକୁ ହଜାର ହଜାର ଜନସମାଗମ ମଧରେ ନଗର ପରିକ୍ରମା କରାଯାଥିଲା।

## ଧର୍ମପୀଠ ଦଖଲ ଜମିପଟ୍ଟା ଜାଲିଆତି, ଜଣେ ଅଟକ

ଝରିଗାଁ,୧୪।୫(ସ୍ୱ. ପ୍ର.)

କବିର ଧର୍ମପୀଠ ଦଖଲରେ ଥିବା ଜମିକୁ ଚଞ୍ଚକତା କରି ନିଜ ନାଁରେ ପଟ୍ଟା କରିଥିବା ତସିଲଦାରଙ୍କ ଅଭିଯୋଗକ୍ରମେ ଜଣେ ବ୍ୟକ୍ତିକୁ ସ୍ଥାନୀୟ ପୋଲିସ ଅଟକ ରଖିଛି । ଝରିଗାଁ ବ୍ଲକ ଅନ୍ତର୍ଗତ କୁସୁମି ଗ୍ରାମଠାରେ ଥିବା କବୀର ଧର୍ମପୀଠ ପାଇଁ ଦଖଲ କରିଥିବା ସରକାରୀ ଜମି ଖାତା ନମ୍ବର -୩୦୭/୨୦୨, ପ୍ଲଟ ନଂ. ୭୩୪/୧୭୩୪ର ୦.୬୪ ଡିସିମିଲ ଜାଗାକୁ ଚଞ୍ଚକତା ସହ ମାନିକପୁରୀ ପନକା ସମାଜର ପୂର୍ବତନ ବ୍ଲକ ସଭାପତି ବଂଶୀଧର ପନକା ତାଙ୍କ ତାଙ୍କ ମା'ଙ୍କ ନାମରେ ପଟ୍ଟା କରିଥିବା ନେଇ କବୀରପନ୍ଥି ପନକା ସମାଜ ପକ୍ଷରୁ ସ୍ଥାନୀୟ ତହସିଲଦାର ଓ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଗତ ୪ତାରିଖରେ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଝରିଗାଁ ତହସିଲ କାର୍ଯ୍ୟାଳୟକୁ ଆସି ସେଠାରେ ପ୍ରାୟ ୩ ଘଣ୍ଟାଧରି ତହସିଲଦାର ଏବଂ ରେକର୍ଡ଼ ରୁମ ଦାୟିତ୍ୱରେ ରହିଥିବା ସମସ୍ତ କର୍ମଚାରୀଙ୍କୁ ପଚାରି ସମ୍ପୃକ୍ତ ଘଟଣାର ସମସ୍ତ ଦଲିଲ ଯାଞ୍ଚ କରିଥିଲେ । ଏହାକୁ ଭିତ୍ତିକରି ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଆଦେଶ ସଂଖ୍ୟା ୪୧୩୨ ଏବଂ ୪୧୩୪ ତା ୮।୫।୨୦୨୩ ବଳରେ ଝରିଗାଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମିନ ଦେବେନ୍ଦ୍ର ବେଶ୍ରା ଏବଂ ଜୁନିଅର୍ ରେଭେନ୍ୟୁ ଆସିଷ୍ଟାଣ୍ଟ ସଚ୍ଚିଦାନନ୍ଦ ରଥଙ୍କୁ ନିଲମ୍ବିତ କରିଛନ୍ତି। ଏହାପରେ ଜିଲାପାଳଙ୍କ ଗତ ୮ ତାରିଖର ପତ୍ର ପ୍ରକାରେ ଝରିଗାଁ ତହସିଲଦାର ମଧୁସୂଦନ ମାଝୀ ତାଙ୍କ ପତ୍ର ସଂଖ୍ୟା ୧୭୧୪,୧୩।୫।୨୦୨୩ ପ୍ରକାରେ ଝରିଗାଁ ଥାନାରେ ଜାଲ ଜମିପଟ୍ଟା କରିଥିବା କୁସୁମୀ ଗ୍ରାମର ଧନମତି ପନକା ଏବଂ ତାଙ୍କ ପୁଅ ବଂଶୀଧରଙ୍କ ନାମରେ ଅଭିଯୋଗ କରିଛନ୍ତି। ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତିକରି ଝରିଗାଁ ପୋଲିସ କେସ ନମ୍ବର ୧୧୦/୨୩ରେ ଆଇପିସି ଧାରା ୪୬୮/୪୭୧/୧୨୦(ବି)/୩୪ ମାମଲା ରୁଜୁ କରି ଥାନାରେ ବଂଶୀଧରଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।

# ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ଭଞ୍ଜନଗର,୧୪।୫(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଜିଲୁଣ୍ଡି ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ସମୟରେ କାର୍ଯ୍ୟରତ ଥିବା ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ବିଭୁତି ଭୂଷଣ ଜେନା, ସନାତନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କୈଳାସ ବେହେରା, ଜ୍ୟୋତି ରଞ୍ଜନ ବିଶୋଇ, ପ୍ରଦୀପ ନାୟକ, ଚନ୍ଦନ ତ୍ରିପାଠୀ, କଳ୍ପଲତା ମହାନ୍ତି, ଅଶ୍ୱିନି ନାଇକ, ସତ୍ୟ ଆଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ

ଉମରକୋଟ,୧୪।୫(ସ୍ୱ.ପ୍ର.)

ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତ କୁମ୍ଭିଧୋଡାଠାରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଥିଲା। ଏଥିରେ କୁମ୍ଭିଧୋଡା, ଖାଣ୍ଡା, ଦେଓପୁର, ସେମିଳିଗଦରା, ପଖନାବନ୍ଦ, ଚନାଗଦରା, ମୁଣ୍ଡିଗୁଡା, ସାନକୁମାରୀ ଆଦିବାସୀ ଗ୍ରାମରୁ ଭାଜପା ଓ କଂଗ୍ରେସ ଦଳ ଛାଡି ପ୍ରାୟ ୪୦୦ ଜଣ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିଛନ୍ତି। ଏହି ସମାବେଶରେ ଉମରକୋଟ ବ୍ଲକ ବିଜେଡି ସଭାପତି ଅଜିତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ବ୍ଲକ ବିଜେଡି ସଭାପତି ମନୋଜ କୁମାର ଧଳ, ବରିଷ୍ଠ ବିଜେଡ଼ି ନେତା ଦେବୀ ସିଂ ମାଝି, ସଞ୍ଜୟ ଗୁପ୍ତା, ଚନ୍ଦନ ବେହେରା, ଟୁଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଆଦିବାସ ମହିଳା ଓ ପୁରୁଷ ମାନେ ଆଦିବାସିଙ୍କ ପାରମ୍ପରିକ ବାଜା ଓ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ମୁଖ୍ୟ ଅତିଥି ମାଝୀ ନିଜ ଭାଷଣରେ ଓଡିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ କୁମ୍ଭିଧୋଡାଠାରୁ ସାନକୁମାରୀ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ।

# ଗଞ୍ଜାମ ବୁଢ଼ୀ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

## ମନ୍ଦିରକୁ ଫେରିଲେ ମା, ମନମୋହିଲା ମୁଖାପିନ୍ଧା ନୃତ୍ୟ, ପରିଦର୍ଶନ କଲେ ବିଧାୟକ


ମା'ଙ୍କ ଘଟ ପରିକ୍ରମା କରାଯାଉଛି।


ବିଧାୟକଙ୍କ ପରିଦର୍ଶନ।

ଗଞ୍ଜାମ,୧୪।୫(ଡି.ଏନ.ଏ.)

ଗଞ୍ଜାମ ସହର ୱାର୍ଡ ନଂ ୬ ଓଡ଼ିଆ ଡାମଣା ସାହିରେ ଗତ ତିନିଦିନ ଧରି ଚାଲିଥିବା ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅସ୍ଥାୟୀ ପୂଜା ମଣ୍ଡପରେ ବିଜେ ମା'ଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମୁଥିଲା। ସାହି ବାସିନ୍ଦାଙ୍କ ଉଦ୍ୟମରେ ଏହି ଠାକୁରାଣୀ ଯାତ୍ରା ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ମା'ଙ୍କ ଘଟ ବିରାଟ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ବିଶେଷ କରି ବିଭିନ୍ନ ମୁଖାପିନ୍ଧା ନୃତ୍ୟ ମନ ମୋହିଥିଲା। ବାଦ୍ୟର ତାଳେ ତାଳେ ବାଘ, ଘୋଡା ଆଦି ନୃତ୍ୟ ବେଶ ଆକର୍ଷଣ ଥିଲା। ମା'ଙ୍କ ଉଦଯାପନ ଦିବସରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏନ୍‌ଏସି ଉପନଗର ପାଳ ସୁରେନ୍ଦ୍ର ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ବିଜେଡି ଯୁବ ଏନ୍‌ଏସି ସଭାପତି ସୁଧୀର କୁମାର ପାଢ଼ୀ, ପ୍ରଭାତ ସାହୁ, ନୀଳାଞ୍ଚଳ ବାରିକି, ପୁରୁଷୋତ୍ତମ ସାହୁ, ୧୦ ନ ୱାର୍ଡ କାଉନସିଲର ପ୍ରତିନିଧି ଅରୁଣ ମହାନ୍ତି, ବିଜେଡି ଯୁବନେତା ନିରଞ୍ଜନ କୁମାର ପରିଡ଼ା, ଛାତ୍ରନେତା ବିଭୁତି ପଲାଇଙ୍କ ସମେତ ୬୦ ଊର୍ଦ୍ଧ୍ୱ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ସହର କଲେଜ ନିକଟରେ ଥିବା ମା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ମଧ ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରହଲ୍ଲାଦ ନାଟକ ଅନୁଷ୍ଠିତ ହୋଇଥିଲା। ଉକ୍ତ ନାଟକରେ ଏକ ଶିଶୁ କଳାକାର ପ୍ରହଲ୍ଲାଦ ଭୂମିକାରେ ଅଭିନୟ ଲୋକଙ୍କ ହୃଦୟକୁ ସ୍ୱର୍ଶ କରିଥିଲା। ଏହି ଯାତ୍ରାକୁ ସାହି ବାସିନ୍ଦା ପରିଚାଳନା କରିଥିଲେ।

# ମେଣ୍ଟ ଭାଙ୍ଗିବାରୁ ଗଞ୍ଜାମରେ ଖାତା ଖୋଲୁନି ଭାଜପା

- ଜିଲାର ଦୁଇ ଲୋକସଭା କ୍ଷେତ୍ରକୁ ନଜର
- ସାଙ୍ଗଠନିକ ସ୍ଥିତି ସମୀକ୍ଷା କରୁଛନ୍ତି କେନ୍ଦ୍ର ନେତା

ବ୍ରହ୍ମପୁର ଅଫିସ,୧୪।୫

ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ନିକଟରେ ଗଞ୍ଜାମ ଗସ୍ତରେ ଆସି ଆସିକା ଲୋକସଭା କ୍ଷେତ୍ରର କେତେକ ବିଧାନସଭା ସେଗ୍‌ମେଣ୍ଟକୁ ଯାଇ ସାଙ୍ଗଠନିକ ସ୍ଥିତି ସମୀକ୍ଷା କରିଥିଲେ। ବ୍ରହ୍ମପୁରରେ ଆଗଧାଡ଼ିର ନେତା ଓ କର୍ମୀଙ୍କ ସହ ଆଲୋଚନା କରି ଆଗାମୀ ସାଧାରଣ ନିର୍ବାଚନ ନେଇ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟତଃ ମହିଳା ଭୋଟରଙ୍କୁ ଦଳ ପ୍ରତି କିଭଳି ଆକୃଷ୍ଟ କରାଯିବ ସେନେଇ ମନ୍ତ୍ର ଫୁଙ୍କିଥିଲେ।

ଦର୍ଶନାଙ୍କ ଗସ୍ତ ପୂର୍ବରୁ ଗତ ଡିସେମ୍ବର ଶେଷ ବେଳକୁ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ଦୁଇ ନେତ୍ରୀ ଗଞ୍ଜାମକୁ ଆସି ଆସିକା ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନକୁ ଯାଇ କେବଳ ମହିଳା ମୋର୍ଚ୍ଚା ନେତ୍ରୀ ଓ କର୍ମୀଙ୍କୁ ଭେଟିଥିଲେ। ତନ୍ମଧ୍ୟରେ ଥିଲେ ଜମ୍ମୁ-କଶ୍ମୀର ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜିତା ଡାଗ୍ରା ଓ ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟା ସାଧବା ଭୁଟ୍ଟା। ଉଭୟ ମହିଳା ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଗାଁର ମହିଳାଙ୍କୁ କେନ୍ଦ୍ର ସରକାରଙ୍କ ମହିଳା ସଶକ୍ତୀକରଣ ଏବଂ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରାଇବାକୁ ଗୁରୁତ୍ୱ ଦେଇଥିଲେ। ଏବେ ଦର୍ଶନାଙ୍କ ଗସ୍ତରେ ମଧ ଅନୁରୂପ କାର୍ଯ୍ୟକ୍ରମ ଥିଲା। ଫଳରେ ଜିଲାର ଦୁଇ ଲୋକସଭା ଆସନ ଉପରେ ଭାଜପା ନଜର ଦେଇଥିବା ଏବଂ ମହିଳାଙ୍କୁ ନେଇ ୨୦୨୪ ନିର୍ବାଚନ ପାଇଁ ଭୋଟ୍‌ବ୍ୟାଙ୍କ ସୃଷ୍ଟି ଉଦ୍ୟମ ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ରଖିଛନ୍ତି। ଅନ୍ୟପକ୍ଷରେ ଭାଜପା କେବଳ ଲୋକସଭା ନିର୍ବାଚନ ଲାଗି ରୋଡ ମ୍ୟାପ ପ୍ରସ୍ତୁତ ଚଳାଇଥିବା ଏହି ମହଲ ଅନୁମାନ କରୁଛି। କେତେ ସଫଳ ହେବ ସେ ନେଇ ଅଙ୍କ କଷୁଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୦୮ରେ ବିଜେଡି ସହ ନିର୍ବାଚନୀ ମେଣ୍ଟ ଭାଙ୍ଗିବାରୁ ଭାଜପାର ସ୍ଥିତି ବିପନ୍ନ ହୋଇଯାଇଛି। ୨୦୦୯, ୨୦୧୭ ଓ ୨୦୧୯ ନିର୍ବାଚନରେ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଭାଜପା ଖାତା ଖୋଲି ପାରିନଥିବା ତଥ୍ୟ ରହିଛି। ୧୯୯୯ ନିର୍ବାଚନରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ନ ଦେଇ ଭାଜପାକୁ ଛାଡ଼ି ଦେଇଥିଲା। ଶଙ୍ଖ ଦଳ ସମର୍ଥନରେ ଭାଜପା ପ୍ରାର୍ଥୀ ଅନାଦି ସାହୁ ନିର୍ବାଚିତ ହୋଇଥିଲେ। ମେଣ୍ଟ ରାଜନୀତି ଯୋଗୁ ୨୦୦୦ ବିଧାନସଭା ନିର୍ବାଚନରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ରାମଚନ୍ଦ୍ର ପଣ୍ଡା ଜିତିଥିଲେ ଓ ଭାଗବଣ୍ଟା ପ୍ରକାରେ ବିଧାନସଭା ଉପବାଚସ୍ପତି ହୋଇଥିଲେ। ୨୦୦୪ ନିର୍ବାଚନରେ ସୋରଡ଼ା ସେଗମେଣ୍ଟରୁ ଭାଜପା ପ୍ରାର୍ଥୀ କିଶୋର ଚନ୍ଦ୍ର ସିଂହଦେଓ ଜିତିଥିଲେ।

ମେଣ୍ଟ ଭାଙ୍ଗିବା ପରେ ହୋଇଥିବା ୩ ସାଧାରଣ ନିର୍ବାଚନରେ ଭାଜପାରୁ ୧୩ ବିଧାନସଭା ଓ ଦୁଇ ଲୋକ ସଭା କ୍ଷେତ୍ରରେ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗୋଟିଏ ମଧ ଆସନରେ ନିର୍ବାଚିତ ହୋଇପାରୁ ନାହାନ୍ତି। ତେଣୁ ଶଙ୍ଖ ନ ବାଜିଲେ ପଦ୍ମ ଫୁଟିବା ସମ୍ଭବ ନୁହେଁ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ଅନ୍ୟପକ୍ଷରେ ୨୦୦୯ ଓ ୨୦୧୪ ଅପେକ୍ଷା ୨୦୧୯ ନିର୍ବାଚନରେ ସବୁ ନିର୍ବାଚନ ମଣ୍ଡଳୀରେ ଭାଜପାର ଭୋଟ ହାର ବଢ଼ିଛି। ତେବେ କଂଗ୍ରେସର ଦୁର୍ବଳ ସଂଗଠନ ଏବଂ ଉପଯୁକ୍ତ ପ୍ରାର୍ଥୀ ନ ଦେବାରୁ ଭାଜପାକୁ ଫାଇଦା ମିଳିଥିବା କୁହାଯାଇଛି। ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁରେ ଭାଜପା ଲଢ଼ିବାର କ୍ଷେତ୍ର ପ୍ରସ୍ତୁତ କରୁଛି। ତେଣୁ ଏହି ଜିଲାକୁ କେନ୍ଦ୍ରୀୟ ନେତାମାନେ ଆସୁଥିବା ବିଭିନ୍ନ ମହଲରୁ ଚର୍ଚ୍ଚା ହେଉଛି। କଂଗ୍ରେସ ଯଦି ସକ୍ରିୟ ହେବ ଏବଂ ଟାଣୁଆ ପ୍ରାର୍ଥୀଙ୍କୁ ଲଢ଼ିବାର ସୁଯୋଗ ମିଳିବ ତେବେ ଭାଜପା ୨୦୦୯ ଓ ୨୦୧୪ ସ୍ଥିତିକୁ ଖସିବାର ମଧ ଆଲୋଚନା ପରିସରକୁ ଆସିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଜପୁର ଟାଉନ, (ଡି.ଏନ.ଏ.): ଯାଜପୁର ବ୍ଲକ୍ ଅନ୍ତର୍ଗତ ଗୁରୁଦାସପୁର ଗ୍ରାମର ଭୋଳାନାଥ ଜେନାଙ୍କ ମୃତଦେହ ରବିବାର ଝୁଲନ୍ତା ଅବସ୍ଥାରେ ଜବତ ହୋଇଥିବା ସଦର ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ ବଡ଼ ଭାଇ ଜଗନ୍ ଜେନାଙ୍କ ଅଭିଯୋଗ ମୁତାବକ, ଭୋଳାନାଥ ୧୩ ତାରିଖ ଅପରାହ୍ଣରେ ନଦୀକୁ ଗାଧୋଇବା ପାଇଁ ତାଙ୍କ ସ୍ତ୍ରୀଙ୍କୁ କହି ଘରୁ ଆସିଥିଲେ। ହେଲେ ଘରକୁ ଫେରି ନ ଥିଲେ। ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରାଯାଇଥିଲେ ମଧ ପତ୍ତା ମିଳି ନ ଥିଲା। ସକାଳ ୯ଟାରେ ଅଡଙ୍ଗ ବାଲିଘାଟ ନିକଟସ୍ଥ ଜଙ୍ଗଲର ଏକ ନିମ୍ବ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଖବର ମିଳିଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ସଂକ୍ଷେପରେ

### ଜଳିଗଲା ୩ ବଖରା



ଝୁମ୍ପୁରୀ,୧୪।୫(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ ଡାହାଣହତା ପଞ୍ଚାୟତସ୍ଥ ତେନ୍ତୁଲିଡିହ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ନାରାୟଣ ମଲ୍ଲିକଙ୍କ ପରିବାର ରାତିରେ ଶୋଇଥିବାବେଳେ ହଠାତ୍ କୌଣସି କାରଣବଶତଃ ଘରେ ନିଆଁ ଲାଗିଯାଇଥିଲା। ଫଳରେ ନିମିଷକ ମଧ୍ୟରେ ନାରାୟଣଙ୍କ ୩ ବଖରା ଘର ଜଳି ଛାରଖାର ହୋଇଯାଇଥିଲା। ଏଥିସହିତ ତାଙ୍କ ସ୍ତ୍ରୀ ଶାନ୍ତିଲତା ମଲ୍ଲିକ ମହିଳା ଗୋଷ୍ଠୀରୁ ଋଣ ଆଣି ୪୦ ହଜାର ଟଙ୍କା ରଖିଥିବାବେଳେ ତାହା ଜଳିଯାଇଥିଲା। ଖବରପାଇ ଦଶରଥପୁର ଦମକଳ ବାହିନୀ ପହଞ୍ଚି ଦୀର୍ଘ ୨ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲେ। ରବିବାର ମଲ୍ଲିକାପୁର ଆର୍‌ଆଇ ପହଞ୍ଚି ଏହି ଘରପୋଡ଼ିର ତଦନ୍ତ କରିଛନ୍ତି। ଡାହାଣହତା ସରପଞ୍ଚଙ୍କ ପ୍ରତିନିଧି ଅଜୟ ମହାନ୍ତି କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା କରିଥିବାବେଳେ ଖାଦ୍ୟ ଯୋଗାଇ ଦେଇଛନ୍ତି। ନାରାୟଣ ଜଣେ ଦିନ ମଜୁରିଆ। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

### ଯାଜପୁର ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର ଟାଉନ,୧୪।୫(ଡି.ଏନ.ଏ.): ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨୩୬ ମକଦ୍ଦମା ଫଇସଲା କରାଯାଇଛି। ସେଥିମଧ୍ୟରୁ ୮୦ ଫୌଜଦାରୀ, ୧୨ ମୋଟର ଦୁର୍ଘଟଣା ଜନିତ, ୭୭ ଦେୱାନୀ, ୫ ପାରିବାରିକ କଳହ ମକଦ୍ଦମା ଫଇସଲା କରାଯାଇ ମୋଟ୍ ୧,୫୧,୨୨,୮୮୧ ଟଙ୍କା ଜରିମାନା ଆଦାୟ କରାଯାଇଛି। ୪୦୫୨ ରାଜସ୍ୱ ମାମଲା ଫଇସଲା କରାଯାଇ ମୋଟ୍ ୮,୧୮,୭୯୩ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଶ୍ରମବିଭାଗର ୫ ବିବାଦ ଫଇସଲା କରାଯାଇ ୧୨,୮୨,୭୪୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ୩ ଖାଉଟି ବିବାଦର ଫଇସଲା କରାଯାଇ ୫, ୭୭, ୫୪୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କ୍‌ର ମୋଟ ୧୦୮ ପ୍ରାକ୍ ବିବାଦୀୟ ମାମଲା ଫଇସଲା କରାଯାଇ ୨୦,୫୦,୧୫୮ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତକୁ ଜିଲା ଓ ଦୌରାଜଜ୍ ଦାମୋଦର ରଥ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁନୀଲ କୁମାର ଦାସ, ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ବରିଷ୍ଠ ଦେୱାନୀ ବିଚାରପତି ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର ଏବଂ ଏଲ୍‌ଟିଭି) ଦୁର୍ବାଶା ଦୁର୍ଗା, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମନସ୍ୱିନୀ ରଥ, ଏସ୍‌ଡିଜେଏମ୍ ଇପ୍‌ସିତା ନନ୍ଦ ଓ ଦେୱାନୀ ବିଚାରପତି ପାରସ ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରି ମାମଲା ଫଇସଲା କରିବାରେ ସହଯୋଗ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ସ୍ମୃତିସଭା

ସିଂହପୁର,୧୪।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ଏକ ସ୍ମୃତିଚାରଣ ସଭା ସିଂହପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତାଧିକ ବ୍ୟକ୍ତି ଯୋଗଦେଇ ଦାସ ଯୁବ ବୟସରୁ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ କଚେରି ଘେରାଉ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନ ସମୟରେ ମାତ୍ର ୧୩ ବର୍ଷ ବୟସରେ ଗାନ୍ଧୀଙ୍କ ଉପସ୍ଥିତିରେ ରାମଧୁନ ଗାନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକା ଅତୁଳନୀୟ ଥିଲା। ସେ କୋରାପୁଟରେ ରହି ଆଦିବାସୀଙ୍କ ବିକାଶର ଚିନ୍ତା କରୁଥିଲେ। ଏପରି ଜଣେ ମହାନ ସଂଗ୍ରାମୀ ସିଂହପୁର ମାଟିରେ ଜନ୍ମ ହୋଇଥିବାରୁ ଏହି ମାଟି ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିସଭାରେ ବରିଷ୍ଠ ନାଗରିକ ନିରଞ୍ଜନ ଦାସ, ଘନଶ୍ୟାମ ଦାସ, ସୁଶାନ୍ତ ନାୟକ, ଅନିରୁଦ୍ଧ ବେଉରିଆ, ପ୍ରଦୀପ ଜେନା, ପଦ୍ମାକର ଗୁରୁ, ଗନ୍ଧର୍ବ ଦାସ, ସଚ୍ଚିଦାନନ୍ଦ ଗୁରୁ, ପୁରୁଷୋତମ ବେହେରା, ପ୍ରମୋଦ ସାମଲ, ତ୍ରିଲୋଚନ ରାଉତ, ଉତ୍ତମ ଦାସ, ମେଘନାଦ ମହାଳିକ, କଳାକର ପାତ୍ର ଓ ପ୍ରତାପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁର କଂଗ୍ରେସକୁ ଝଟ୍‌କା

## ଶତାଧିକ ସମର୍ଥକଙ୍କ ସହ ଦଳ ଛାଡ଼ିଲେ ଯୁବନେତା ପୁଲିନ ପୁହାଣ

ଝୁମ୍ପୁରୀ,୧୪।୫(ଡି.ଏନ୍.ଏ.):

ଯାଜପୁର କଂଗ୍ରେସକୁ ଲାଗିଛି ବଡ଼ ଝଟ୍‌କା। ଯାଜପୁର କଂଗ୍ରେସର ଟାଣୁଆ ଯୁବନେତା ତଥା ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ପୁଲିନ ପ୍ରକାଶ ପୁହାଣ ରବିବାର ନିଜର ଶତାଧିକ ସମର୍ଥକଙ୍କ ସହ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ନିକଟକୁ ପଠାଇଛନ୍ତି ବୋଲି ଦଶରଥପୁର ବ୍ଲକ୍ ରାମବାଗଠାରେ ଏକ ଖବରଦାତା ସମ୍ମିଳନୀ କରି ଘୋଷଣା କରିଛନ୍ତି। କଂଗ୍ରେସ ନିଜ ନୀତି ଆଦର୍ଶରୁ ବିଚ୍ୟୁତ ହେବାସହ ଯୁବକମାନଙ୍କୁ ଏହି ଦଳରେ ଅଣଦେଖା କରାଯାଉଥିବାର ସେ ଅଭିଯୋଗ କରିଛନ୍ତି। ଏଥିସହ ଗତ ୩ରୁ୪ଟି ଉପନିର୍ବାଚନରେ କଂଗ୍ରେସରୁ ବିଧାୟକଭାବେ ଲଢ଼ିଥିବା ପ୍ରାର୍ଥୀମାନେ ୫ ହଜାରରୁ କମ୍ ଭୋଟ୍ ପାଉଛନ୍ତି। ଦଳୀୟ ନେତୃତ୍ୱ ସେ ସମ୍ପର୍କରେ ଆଦୌ ଆତ୍ମଚିନ୍ତନ କରୁ ନ ଥିବାରୁ ଦଳ ବର୍ତ୍ତମାନ ରାଜ୍ୟରେ ସତ୍ତା ହରାଇବାକୁ ଯାଉଛି ବୋଲି ପୁହାଣ କହିଛନ୍ତି।

ପୁହାଣଙ୍କ ସହ ପୂର୍ବତନ ସରପଞ୍ଚ ରବିନାରାୟଣ ଜେନା, ସଂଖ୍ୟାଲଘୁ ଦଶରଥପୁର ବ୍ଲକ୍ ସଭାପତି ସେକ୍ ଅବଦୁଲ କାଲାମ, ୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟଭାବେ ଲଢ଼ିଥିବା ଯୁବନେତା ବିଘ୍ନେଶ୍ୱର ମହାନ୍ତି, ପୂର୍ବତନ ଜିଲା ୟୁଥ୍ ଜେନେରାଲ ସେକ୍ରେଟାରୀ ଗୌତମ ମଲ୍ଲିକ, ଜିଲା ଯୁବ କଂଗ୍ରେସ ଉପସଭାପତି ସୁଦୀପ କୁମାର ମଲ୍ଲିକ, ସଂଖ୍ୟାଲଘୁ ମ୍ୟୁନିସିପାଲିଟି ସଭ୍ୟ ଲିହାଜୁଦ୍ଦିନ୍ ଖାନ୍, ଯୁବ କଂଗ୍ରେସ ଜିଲା ସାଧାରଣ ସମ୍ପାଦକ ଶେଖର ସମ୍ମିତ ଧଳ, ବ୍ଲକ୍ ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରକାଶ ମହାପାତ୍ର, ଯୁବନେତା ସତ୍ୟଜିତ କୁଅଁର, ସନ୍ତୋଷ କୁମାର ନାୟକ, ବିପିନ କୁମାର ନାୟକ, ସୌମ୍ୟରଞ୍ଜନ ଅନୁପମ ମଲ୍ଲିକ, ରାଜେନ୍ଦ୍ର ରାୟ, ସମୀର ରଞ୍ଜନ ବାରିକ ଓ ଦେବେନ୍ଦ୍ର କୁମାର ପଣ୍ଡା ପ୍ରମୁଖ କଂଗ୍ରେସରୁ ଇସ୍ତଫା ଦେଇଥିବା ଉକ୍ତ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ପୁହାଣ ନିଜର ସହକର୍ମୀଙ୍କ ସହ ପରାମର୍ଶ ପରେ ତାଙ୍କ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ଖବରଦାତାଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି।



ଦଳ ଛାଡ଼ିବା ସମ୍ପର୍କରେ ଖବରଦାତା ସମ୍ମିଳନୀରେ ପୁଲିନ ପୁହାଣ ଘୋଷଣା କରୁଛନ୍ତି।

## ୧୬ରେ ଜିଲାପାଳଙ୍କ ଅଫିସ ଘେରିବେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ

ଯାଜପୁର ଟାଉନ,୧୪।୫(ଡି.ଏନ.ଏ.):

ଯାଜପୁର ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଯାଜପୁର ଜିଲା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା କୋର୍ କମିଟିର ଟିଂଗିମାନସୁ ମହାରଣ୍ୟ, ଜିତେନ୍ଦ୍ର ଶତପଥୀ, ଅର୍ଜୁନ ବେହେରା, ପ୍ରଦୀପ ସାହୁ, ଅଜୟ କୁମାର ସାହୁ, କ୍ଷୀରୋଦ ସାହୁ, ବାସୁଦେବ ମଲ୍ଲିକ, ରଞ୍ଜନ ବେହେରା, ବନମାଳି ବାରିକ, ଯତିନ୍ ଦାସ, ଅନାଦି ପଣ୍ଡା ଓ ସହ ରାଜ୍ୟ ଯୁଗ୍ମ ଆବାହକ ଉମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଚିଟ୍ ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବିରେ ଆସନ୍ତା ୧୬ ତାରିଖରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଘୋଷଣା କରିଥିଲେ। ବିଭିନ୍ନ ଚିଟ୍ ଫଣ୍ଡ କମ୍ପାନୀ ଲୋକଙ୍କଠାରୁ ଅର୍ଥ ଆଦାୟ କରି ଫେରସ୍ତ କରି ନ ଥିବା ବେଳେ ସିବିଆଇ ତଦନ୍ତ କରାଯାଇଛି। ସିବିଆଇ ଦ୍ୱାରା କମ୍ପାନୀଗୁଡ଼ିକର ସ୍ଥାବର ଓ ଅସ୍ଥାବର ସଂପତି ଜବତ କରାଯାଇଛି। ରାଜ୍ୟ ସରକାର ୩ଶହ କୋଟି ଟଙ୍କା କର୍ପସ ଫଣ୍ଡ ଗଠନ କରି ଜମାକାରୀଙ୍କୁ ଚିହ୍ନଟ କରି ଟଙ୍କା ଫେରସ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ୧୦ବର୍ଷ ବିତିଯାଇଥିବା ବେଳେ କୌଣସି ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯାଇନାହିଁ ବୋଲି ବୈଠକରେ କୁହାଯାଇଛି। ଏହାର ପ୍ରତିବାଦରେ ଯାଜପୁର ଟାଉନ୍ ଏନ.ସି କଲେଜ ପଡିଆଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## କୃତୀ ଛାତ୍ରୀ ସମ୍ମାନିତ

ଯାଜପୁରରୋଡ୍,୧୪।୫(ଡି.ଏନ୍.ଏ.):

ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ପଶୁପତି ମହୋତ୍ସବରେ ବ୍ୟାସନଗର ସହରସ୍ଥିତ ମଧୁସୂଦନ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଓଡ଼ିଶୀ ନୃତ୍ୟରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଛି। ମହୋତ୍ସବରେ ଓଡ଼ିଶୀ, କଥକ, କଥକଲି, ଭାରତ ନାଟ୍ୟମ, କୁଚିପୁଡ଼ି, ମୋହିନୀ ଆଟମ ଓ ଆସାମର ବିଭିନ୍ନ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିରର ଛାତ୍ରୀ ଏସ୍. ପୁଣ୍ୟତୋୟା, ପ୍ରତ୍ୟାଶା ପାଲି, କ୍ରିଷ୍ଣା ଓ ଆତ୍ମଜା ରାଉତ ପ୍ରମୁଖ ଭାଗନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନୃତ୍ୟଗୁରୁ ବୈକୁଣ୍ଠ ନନ୍ଦ ପ୍ରତିଯୋଗିତାର କାର୍ଯ୍ୟଭାର ସମ୍ଭାଳିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ବୋଇତାଇ, ସମ୍ପାଦକ ସୁଶାନ୍ତ କୁମାର ଜେନା ଓ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନା କମିଟି ମୁଖ୍ୟ ପ୍ରଣତି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଅଭିଭାବକ ଓ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ।



ସମ୍ମାନିତ ହୋଇଥିବା କୃତୀ ଛାତ୍ରୀମାନେ।

## ମାତୃ ଦିବସ ପାଳିତ

ସିଂହପୁର,୧୪।୫(ଡି.ଏନ.ଏ.): ବିଞ୍ଝାରପୁର ମା' ଯଶୋଦା କଳା ପରିଷଦ ପକ୍ଷରୁ ବାଙ୍ଗାରାଠାରେ ରବିବାର ମାତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ତତ୍ତ୍ୱାବଧାନରେ ଗୌରୀ ପାଢ଼ୀଙ୍କୁ ମାତୃ ଦିବସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାସ, ସସ୍ମିତା ପାତ୍ର, ସ୍ୱପ୍ନାରାଣୀ ମଲିକ, ପ୍ରିୟଦର୍ଶିନୀ ସାମଲ, ପ୍ରାଚୀ ପ୍ରିୟଦର୍ଶୀ ଜେନା, ପ୍ରତିମା ସାହୁ, ପ୍ରିୟସ ପଣ୍ଡା ଓ ଅଭିଗ୍ନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଞ୍ଝାରପୁର ମା' ଯଶୋଦା କଳା ପରିଷଦ ପକ୍ଷରୁ ଗୌରୀ ପାଢ଼ୀଙ୍କୁ ମାତୃ ଦିବସ ସମ୍ମାନରେ ସମ୍ମାନିତ କରାଯାଉଛି।

## ଅରଖପୁରଠାରେ ଡିଜିଟାଲ ପ୍ରଶିକ୍ଷଣ ଶିବିର

ଚଣ୍ଡିଖୋଲ,୧୪।୫(ଡି.ଏନ୍.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁରସ୍ଥିତ ଧନଞ୍ଜୟ ନିବାସ ପରିସରରେ ବିଜେଡି ପକ୍ଷରୁ ଡିଜିଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବାରେ ସାମାଜିକ ଗଣମାଧ୍ୟମ ପ୍ରକୃଷ୍ଟ ମାଧ୍ୟମ। ହେଲେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ସରକାରୀ ଯୋଜନା ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ସେଥିପାଇଁ ସମସ୍ତ ବିଭାଗ ସହ ସୋସିଆଲ ମିଡିଆ ଜରିଆରେ ଯୋଡ଼ିହୋଇ ଲୋକଙ୍କ ସମସ୍ୟା ସମାଧାନ କରିବାରେ ସୋସିଆଲ ମିଡିଆର ଗୁରୁତ୍ୱ ରହିଥିବା ସେ ପ୍ରକାଶ କରିଥିଲେ। ଏହି ଶିବିରରେ ସରପଞ୍ଚ ପ୍ରମୋଦ କୁମାର ଜେନା, ସେକ୍ ଅବଦୁଲ ଗନୀ, ପୂର୍ବତନ ସରପଞ୍ଚ ଦମୟନ୍ତୀ ସାମଲ, ଧନେଶ୍ୱର ବେହେରା, ଦୟାନିଧି ବିଶ୍ୱାଳ, ଦିଲୀପ କୁମାର ସାମଲ, ସଂଘମିତ୍ରା ସାମଲ, ସରୋଜ କୁମାର ବଳ, ବଳରାମ ଦାସ, ଧୂଳେଶ୍ୱର ଦାସ, ଚିତ୍ତରଞ୍ଜନ ପ୍ରଧାନ, ବିଧାନ ସାମନ୍ତରାୟ, ମଳୟ ଦାସ, ଶୈଳେନ୍ଦ୍ର ନାରାୟଣ ରାୟ, ମାନସ ଦେଓ ଏବଂ ମହମ୍ମଦ ତୋହିଦ୍ ପ୍ରମୁଖ ଯୋଗଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

## ଛେଳିକୁ ବଳାତ୍କାର ଅଭିଯୋଗ

ଯାଜପୁର ଟାଉନ,୧୪।୫(ଡି.ଏନ.ଏ.):

ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତ ସିମିଳିଆ ଗ୍ରାମର ପ୍ରଶାନ୍ତ ନାୟକ ଏକ ଛେଳିକୁ ବଳାତ୍କାର କରିଥିବା ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ସିମିଳିଆ ଗ୍ରାମର ପ୍ରମିଳା ନାୟକଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ଘରଠାରୁ ଅଳ୍ପ ଦୂରରେ ଛେଳିକୁ ବାନ୍ଧିଥିଲେ। ମଧ୍ୟାହ୍ନ ୧୨ଟାରେ ଛେଳିଟି ଚିତ୍କାର କରିଥିଲା। ଏହାଶୁଣି ସେ ଛେଳିକୁ ଆଣିବାକୁ ଯାଇଥିବା ବେଳେ ବନ୍ଧା ଯାଇଥିବା ଜାଗାଠାରୁ ଅଳ୍ପ ଦୂରରେ ଥିବା ଜଙ୍ଗଲିଆସ୍ଥାନରେ ସମ୍ପୃକ୍ତ ଅଭିଯୁକ୍ତ ଛେଳିଟିକୁ ବଳାତ୍କାର କରୁଥିବା ଦେଖିବାକୁ ପାଇଥିଲେ। ତେଣୁ ସେ ସଙ୍ଗେସଙ୍ଗେ ପାଖ ପଡିଶାଙ୍କୁ ଡାକ ପକାଇଥିଲେ। ଏହାଦେଖି ଅଭିଯୁକ୍ତ ଦୌଡି ପଳାଇଥିଲେ। ପ୍ରମିଳା ଛେଳିକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ପ୍ରାଣୀଧନ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଉପସ୍ଥିତ ଥିବା କର୍ମଚାରୀ ଅଫିସ ଛୁଟି ଅଛି, ସୋମବାର ଆସିବାକୁ କହିବା ସହ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୁକ୍ତ ପଞ୍ଚାୟତର ୧୪ନଂ. ୱାର୍ଡ ସଭ୍ୟ ଥିବା ଜଣାପଡ଼ିଛି।

## ବନ୍ୟାଜଳ ନିଷ୍କାସନ ପାଇଁ କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

ବରୀ,୧୪।୫(ଡି.ଏନ.ଏ.)

ବରୀ ଏକ ବନ୍ୟା ପ୍ଲାବିତ ଅଞ୍ଚଳ। ପ୍ରତିବର୍ଷ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଯୋଗୁ ଏହି ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ଚନ୍ଦନପୁର, ମନ୍ଦାରୀ, ଅଲିଆବାଦ, ରାଉତସାହି, ଶେରପୁର, କୃଷ୍ଣନଗର, ମହାକାଳପଡ଼ା ଆଦି ଗ୍ରାମର ଶତାଧିକ ଏକର ଚାଷ ଜମିର ଫସଲ କ୍ଷତିଗ୍ରସ୍ତ ହୋଇଥାଏ। ଏହାକୁ ଆଖି ଆଗରେ ରଖି ସ୍ଥାନୀୟ ଲୋକଙ୍କ ଦାବିକୁ ବରୀ ବିଧାୟିକା ସୁନନ୍ଦା ଦାସ ଗୁରୁତ୍ୱାରୋପ କରିଥିଲେ। ସେ ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗକୁ ପତ୍ର ଲେଖିଥିଲେ। ଏହି ପରିପ୍ରେକ୍ଷୀରେ କିଛିମାସ ତଳେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏଥିପାଇଁ ବିଭାଗ ପକ୍ଷରୁ ସପନାପାଟ ନାଳକୁ ପୁନରୁଦ୍ଧାର କରି ଜଳ ନିଷ୍କାସନ କରିବାକୁ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରାଯାଇଥିବା ସୂଚନା ମିଳିଛି। ଖୁବ୍ ଶୀଘ୍ର ଏହି କାମ ପାଇଁ ଟେଣ୍ଡର ହେବାକୁ ଯାଉଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଆସନ୍ତା ସପ୍ତାହରେ ଘଟଣାସ୍ଥଳକୁ ଆସିବେ ବୋଲି ଡ୍ରେନେଜ୍ ବିଭାଗ ଉପଖଣ୍ଡ ଅଧିକାରୀ ଯନ୍ତ୍ରୀ ଶମ୍ଭୁ ପ୍ରକାଶ ମଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କୁଳମଣି ଶୁକ୍ଳ, ତରୁଣକାନ୍ତ ଦାସ, ଭାଗିରଥି ଦାସ ମହାପାତ୍ର, ଉତ୍ତମ ଦାସ, ସ୍ମିତା ସାମଲ, ଅଭିରାମ ମଲ୍ଲ, ପ୍ରଶାନ୍ତ ବେଉରିଆ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

## ଚଣ୍ଡିଖୋଲ ବଜାର ସଫେଇ କଲା ଟିମ୍ ବଡ଼ଚଣା

ଚଣ୍ଡିଖୋଲ,୧୪।୫(ଡି.ଏନ.ଏ.):

ଯାଜପୁର ଜିଲାର ଚଣ୍ଡିଖୋଲ ମୁଖ୍ୟ ପ୍ରବେଶ ଦ୍ୱାର ହୋଇଥିବାବେଳେ ଦୂରଦୃଷ୍ଟି ଅଭାବରୁ ଏହା ସର୍ବଦା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବଜାର ଓ ଛକର ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ସଦା ଭର୍ତ୍ତିହୋଇ ରହୁଛି। ଏହି କ୍ରମରେ ରବିବାର ଟିମ୍ ବଡ଼ଚଣା ପକ୍ଷରୁ ବଜାର ସଫେଇ କରାଯାଇଛି। ଟିମ୍ ବଡ଼ଚଣାର ସଭାପତି ଅଦ୍ୱିତୀୟ ଶତପଥୀଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ମିହିର କୁମାର ସ୍ୱାଇଁ, ସରପଞ୍ଚ ନବଦୀପ ନାୟକ, ସଞ୍ଜୟ କୁମାର ସ୍ୱାଇଁ, ରଞ୍ଜନ କୁମାର ଦାସ, ଯଯାତି କେଶରୀ ରାଉତ, ଅମିନ ନାୟକ, ଜଗନ୍ନାଥ ମୁଦୁଲି, ପିନାକୀ ପ୍ରସାଦ ଜେନା, ପ୍ରକାଶ କୁମାର ପ୍ରଧାନ, ଅମ୍ବୁଜ କୁମାର ରାଉତ, ବିଶ୍ୱଜିତ ଜେନା, ଜିତେନ୍ଦ୍ର ସ୍ୱାଇଁ ଇମ୍ରାନ୍ ଖାଁ, ଅକତ ଆକ୍‌ବର ପ୍ରମୁଖ ଯୋଗଦେଇ ଚଣ୍ଡିଖୋଲ ପରିବା ମାର୍କେଟ, ଗଳି ପୋଲ, ମାଂସ ମାର୍କେଟ ଏବଂ ଚଣ୍ଡିଖୋଲ–ଡୁବୁରୀ ରାସ୍ତାକଡ଼ ସଫେଇ କରିଛନ୍ତି।



ବଜାର ସଫେଇରେ ସାମିଲ ହୋଇଥିବା ଟିମ୍ ବଡ଼ଚଣାର କର୍ମକର୍ତ୍ତା ଓ ଅନ୍ୟମାନେ।

## 'ସକାରାତ୍ମକ ଖବର ପରିବେଷଣ ସାମ୍ବାଦିକଙ୍କ ଧ୍ୟେୟ ହେଉ'

### ଜାତୀୟ ସାମ୍ବାଦିକ ୟୁନିୟନର ଦୁଇଦିନିଆ ସମ୍ମିଳନୀ

ଯାଜପୁର ରୋଡ୍,୧୪।୫(ଡି.ଏନ.ଏ.)

ଜାତୀୟ ସାମ୍ବାଦିକ ୟୁନିୟନ (ଏନ୍‌ୟୁଜେ)ର ଦୁଇଦିନିଆ କାର୍ଯ୍ୟକାରିଣୀ ସମ୍ମିଳନୀ ରବିବାର ବ୍ୟାସନଗରସ୍ଥିତ ଜି.କେ. ମହାନ୍ତି କନଭେନଶନ ହଲ୍‌ରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସାମ୍ବାଦିକ ୟୁନିୟନ ଏବଂ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୨୧ ରାଜ୍ୟରୁ ବରିଷ୍ଠ ସାମ୍ବାଦିକ, କର୍ମକର୍ତ୍ତା ଯୋଗ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ରବିବାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସକାରାତ୍ମକ ଖବର ପରିବେଷଣ ସାମ୍ବଦିକମାନଙ୍କ ଧ୍ୟେୟ ହେଉ ବୋଲି କହିଛନ୍ତି। ନ୍ୟାଶନାଲ ସ୍କୁଲ ଅଫ୍ ଜର୍ନାଲିଜମ ଅଧ୍ୟକ୍ଷ ଜିତେନ୍ଦ୍ର ଅବସ୍ଥି ଅଧ୍ୟକ୍ଷତା ଓ ଏନ୍‌ୟୁଜେ ପରିଚାଳନା କମିଟି ସଭ୍ୟ ଚିନ୍ତାମଣି ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଏନ୍‌ୟୁଜେ ଜୋନାଲ ସେକ୍ରେଟାରି ଅଜୟ କୁମାର ସାହୁ, ଏନ୍‌ୟୁଜେ ଜୋନାଲ ଉପସଭାପତି ଦୀପକ ମୁଖାର୍ଜୀ, ବ୍ୟାସନଗର ପୌରପରିଷଦ ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାଧାରଣ ଲୋକଙ୍କ ସ୍ୱର ହୋଇ ଏବଂ ଲୋକଙ୍କ ଆସ୍ଥା ଭାଜନ ହୋଇ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ଭୂମିକାକୁ ନିର୍ବାହ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟନାଥ ଖଣ୍ଡାଇଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ସମାଜସେବୀ ରବି ନାରାୟଣ ପୁହାଣ, ପରେଶ ମଲ୍ଲିକ, ଶ୍ରୀକାନ୍ତ ପାଢୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଶନିବାର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଏକ ସୁସ୍ଥ ରାଷ୍ଟ୍ର ଗଠନରେ ସାମ୍ବାଦିକଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତଦେଇଥିଲେ। ଏନ୍‌ୟୁଜେ ଇଣ୍ଡିଆର ମହା ସଚିବ ସୁରେଶ ଶର୍ମା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସମବାୟବିତ୍ ଶରତ ସାହୁ, ସମାଜିକ କର୍ମୀ ବିଜୟ କୁମାର ଦାସ, ବିକାଶ ଦାଶ, ଆଲୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଜାତୀୟ ସାମ୍ବାଦିକ ୟୁନିୟନ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଯୁବକ ମୃତ

କୋଷାଗୁମୁଡ଼ା,୧୪।୫(ଡି.ଏନ୍.ଏ.)- କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ଏସ. କେରାଗାଁ ଗ୍ରାମରେ ରବିବାର ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏସ. କେରାଗାଁ ଗ୍ରାମର ମହାଦେବ ସିରା(୩୬) । ମହାଦେବ ଟ୍ରାକ୍ଟର ନେଇ ଯାଉଥିବା ବେଳେ ବଲେଙ୍ଗା ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇବାରୁ ଟ୍ରାକ୍ଟର ସହ ଓଲଟି ପଡ଼ିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ପରିବାର ଲୋକେ କୋଷାଗୁମୁଡ଼ା ଥାନାରେ ଜଣାଇବା ପରେ ପୋଲିସ ମାମଲା (୭୬/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଏଏସଆଇ ଏଲକେ ପଣ୍ଡା ସୂଚନା ଦେଇଛନ୍ତି।

### ଭାଲୁ ଆକ୍ରମଣରେ ମହିଳା ଆହତ

ଉମରକୋଟ,୧୪।୫(ସ୍ୱ.ପ୍ର.)-ଜିଲା ଉମରକୋଟ ବ୍ଲକ ସୁନାବେଡ଼ା ପଞ୍ଚାୟତ ଅନ୍ତର୍ଗତ ସାହେବଗୁଡା ଗ୍ରାମର ଜଣେ ମହିଳା ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ରଇବାରି ନାୟକ (୫୫)। ରବିବାର ସକାଳେ ସାହେବଗୁଡା ଗ୍ରାମର ପ୍ରାୟ ୧୫ ଜଣ ମହିଳା ନାୟକଗୁଡା ଜଙ୍ଗଲକୁ ଶାଳପତ୍ର ଆଣିବାକୁ ଯାଇଥିଲେ। ଫେରିବା ବେଳେ ଏକ ଭାଲୁ ଗୋଡ଼ାଇଥିଲା। ମହିଳାମାନେ ଦୌଡ଼ିବା ଆରମ୍ଭ କରିଥିଲେ। ରଇବାରି ଦୌଡିବା ବେଳେ ପଡିଯିବାରୁ ଭାଲୁ ଆସି ଆକ୍ରମଣ କରିଥିଲା। ରଇବାରିଙ୍କ କାନ୍ଧରେ ଗଭୀର ଆଘାତ ଲାଗିଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସମସ୍ତ ସୁବିଧା ଯୋଗାଇ ଦେବାକୁ କାକିଲି ଗ୍ରାମବାସୀଙ୍କ ଦାବି

ଆର୍.ଉଦୟଗିରି,୧୪।୫(ଡି.ଏନ୍.ଏ.) ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା କାକିଲି ଗ୍ରାମର ୨୫ ପରିବାର ନିଜ ଭିଟାମାଟି ଛାଡି ସରକାର ନିର୍ଦ୍ଧାରିତ କରିଥିବା ଗଡସାମନ୍ତରାପୁରରେ ରହୁଛନ୍ତି। ତେବେ ଥଇଥାନ କଲୋନିରେ ସରକାର ସେମାନଙ୍କୁ ଦେଇଥିବା ସୁବିଧା ସୁଯୋଗ ଯଥେଷ୍ଟ ଏବଂ ସରକାରୀ ନୀତି ମୁତାବକ ଦେଉନଥିବା ଦର୍ଶାଇ ପୁଣି ୨୩ଟି ଦାବି ଉପସ୍ଥାପନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଥାଇଥାନ କଲୋନୀ ଚାରିପଟେ ପାଚେରୀ ନିର୍ମାଣ, ପାନୀୟଜଳ ନିମନ୍ତେ ଦୁଇଟି ନଳକୂପ ଖନନ, କଲ୍ୟାଣମଣ୍ଡପ, ପ୍ରତି ଡିପିର ମୂଲ୍ୟ ରିଭାଇଜ କରିବା, ନୂତନ ଡିପିମାନଙ୍କୁ ଜମି ପ୍ରଦାନ, ଗୋଚର ଜାଗା ପ୍ରଦାନ, ଚାଷ ଜମିକୁ ଜଳସେଚନ ସୁବିଧା ପ୍ରଧାନ, ପିଲାଙ୍କ ପାଇଁ ଅଙ୍ଗନବାଡି ଗୃହ, କଲୋନିର ଲୋକଙ୍କ ପାଇଁ ସ୍ୱତନ୍ତ ମେଡିକାଲ ନିର୍ମାଣ ତଥା ବଞ୍ଚିବା ପାଇଁ ଜୀବିକା ଯୋଗାଣ ଭଳି ଦାବି ରହିଛି। ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଗଜପତି ଜାଲା ଗସ୍ତ ସମୟ କୁଆଁପଡାଠାରେ ଗ୍ରାମବାସୀ ଏହି ସବୁ ଦାବିପତ୍ର ଦେଇଥିଲେ। ଗଜପତି ଜିଲାପାଳ ସ୍ୱତନ୍ତ ଭୂଅର୍ଜନ ଅଧିକାରୀ ତଥା ପୁନର୍ବାସ ଓ ଥାଇଥାନ ଅଧିକାରୀ ଓ ଛେଲିଗଡ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ ଏହାର ଏକ ନକଲ ପ୍ରଦାନ କରିଛନ୍ତି।

# ସିଗ୍ନାଲ ଫେଲ୍: ଅଢ଼େଇ ଘଣ୍ଟା ଅଟକିଲା ଟ୍ରେନ୍

**ନୟାଗଡ଼ ଅଫିସ,୧୪।୫**

- ସୁନାଖଳା, ବୋଲଗଡ଼ରେ ଉତ୍ତେଜନା
- ଡ୍ୟୁଟି ସମୟରେ ନିଦରେ ଶୋଇଥିଲେ ରେଳ କର୍ମଚାରୀ
- ଯାତ୍ରୀଙ୍କ ହସ୍ତକ୍ଷେପ ପରେ ଲାଇନ୍ କ୍ଲିୟର

ସିଗ୍ନାଲ ଫେଲ୍ ଯୋଗୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଶନିବାର ରାତିରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଆସୁଥିବା ମେମୁ ଟ୍ରେନ୍ ପ୍ରାୟ ଅଢ଼େଇ ଘଣ୍ଟା ଧରି ରାଜସୁନାଖଳା ଷ୍ଟେଶନ ଓ ବୋଲଗଡ଼ ରୋଡ ରେଳ ଷ୍ଟେଶନଠାରେ ଅଟକି ରହିଥିଲା। ସେହିପରି ନୂଆଗାଁରୁ ପୁରୀ ଆସୁଥିବା ଟ୍ରେନ୍ ବେଗୁନିଆ ଷ୍ଟେଶନରେ ପ୍ରାୟ ୧ ଘଣ୍ଟା ଧରି ଅଟକିଥିଲା। ସୁନାଖଳାଠାରେ ଟ୍ରେନ୍ ଅଟକିବା ନେଇ ଯାତ୍ରୀ ହୋହଲ୍ଲା କରିବା ସହ ପାଟିତୁଣ୍ଡ କରିଥିଲେ। ଏପରିକି ଉତ୍ତେଜନା ବଢ଼ି ଚାଲିଥିବାବେଳେ ରାଜସୁନାଖଳା ଷ୍ଟେଶନ ନିକଟରେ ଜଣେ ମହିଳା ଅଚେତ ହୋଇପଡ଼ିଥିଲେ। ଯୁକ୍ତିତର୍କ ପରେ ଅଚେତ ମହିଳାଙ୍କୁ ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଅନ୍ୟପକ୍ଷେ ବୋଲଗଡ଼ ରୋଡ ରେଳ ଷ୍ଟେଶନ ସିଗ୍ନାଲ ଦେଉଥିବା କର୍ମଚାରୀ ଶୋଇପଡିଥିବାରୁ ଏପରି ଅବ୍ୟବସ୍ଥା ହୋଇଥିବା ଜଣାପଡ଼ିଥିଲା। ଯାତ୍ରୀମାନେ ବୋଲଗଡ଼ ରୋଡ ରେଳ ଷ୍ଟେଶନକୁ ଯାଇ କର୍ମଚାରୀଙ୍କୁ ନିଦରୁ ଉଠାଇବା ପରେ ଟ୍ରେନ୍ ଯାତ୍ରା ଆରମ୍ଭ କରିଥିଲା। ଯଦିଓ ଶନିବାର ରାତିରେ ଟ୍ରେନ୍ ଯାତ୍ରାର ଅବ୍ୟବସ୍ଥା ନେଇ ରେଳପଥ କର୍ତ୍ତୃପକ୍ଷ ନିଜର ଭୁଲ୍ ସ୍ୱୀକାର କରିବାକୁ ରାଜି ନୁହନ୍ତି ତେବେ ସିଗ୍ନାଲ ନ ମିଳିବାରୁ ଯାତ୍ରୀ ହଇରାଣ ହେବା ଘଟଣାର ଠିକ୍ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି।

ଭୁବନେଶ୍ୱରରୁ ମେମୁ ଟ୍ରେନ୍ ନୟାଗଡ଼ ଅଭିମୁଖେ ଶନିବାର ରାତିରେ ଆସୁଥିଲା। ରାତି ପ୍ରାୟ ୮ଟାରେ ରାଜସୁନାଖଳା ଷ୍ଟେଶନରେ ସିଗ୍ନାଲ ମିଳୁନି କହି ଟ୍ରେନ୍ ଅଟକିଥିଲା। ରାସ୍ତା କ୍ଲିୟର ହେଲେ ଟ୍ରେନ୍ ଯାତ୍ରା କରିବ ବୋଲି ଯାତ୍ରୀମାନଙ୍କୁ କୁହାଯାଇଥିଲା। ପ୍ରାୟ ୧ ଘଣ୍ଟା ପରେ ଜଣେ ମହିଳା ଯାତ୍ରୀ ଟେନ୍‌ସନରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରେଳପଥ କ୍ଲିୟର ହେବାରୁ ପ୍ରାୟ ୯ଟା ୫୦ରେ ସୁନାଖଳା ଷ୍ଟେଶନରୁ ଟ୍ରେନ୍ ଛାଡ଼ିଥିଲା। ତେବେ ବୋଲଗଡ଼ ରୋଡ ରେଳ ଷ୍ଟେଶନ ପୂର୍ବରୁ ପୁଣି ଟ୍ରେନ୍ ଅଟକି ଥିଲା। ଲାଇନ କ୍ଲିୟର ନ ଥିବାରୁ ଟ୍ରେନ୍ ଅଟକିଲା ବୋଲି ପୁଣି କୁହାଗଲା। ରାଜସୁନାଖଳା ପରେ ବୋଲଗଡ଼ରେ ପୁଣି ଏକା ସମସ୍ୟା ଦେଖାଦେବାରୁ ଯାତ୍ରୀ ଉତ୍ତେଜିତ ହୋଇ ହୋହଲ୍ଲା କରିଥିଲେ। ତେବେ କେତେଜଣ ଯୁବକ ଯାତ୍ରୀ ବୋଲଗଡ଼ ରୋଡ ରେଳ ଷ୍ଟେଶନ ନିକଟକୁ ରେଳ ଲାଇନ୍‌ରେ ଚାଲି ଚାଲି ଯାଇ ପ୍ରକୃତ କାରଣ ଖୋଜିଥିଲେ। ବୋଲଗଡ଼ଠାରେ ସିଗ୍ନାଲ କର୍ମଚାରୀଙ୍କୁ ନିଦରୁ ଉଠାଇବା ପରେ ସିଗ୍ନାଲ କ୍ଲିୟର ହୋଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ବୋଲଗଡ଼ ରୋଡ ରେଳ ଷ୍ଟେଶନ ନିୟୋଜିତ କର୍ମଚାରୀ ଯାତ୍ରୀମାନଙ୍କୁ ଖରାପ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ଏଣୁ ଯାତ୍ରୀମାନେ ଅଧିକ ହୋହଲ୍ଲା ପାଟିତୁଣ୍ଡ କରିଥିଲେ। ସୂଚନା ଅନୁସାରେ, ବୋଲଗଡ଼ଠାରେ ପୁରୁଣା ବଗି ରେଳପଥରେ ରହିଥିବା କାରଣରୁ ସିଗ୍ନାଲ କ୍ଲିୟର ହୋଇପାରି ନ ଥିଲା। ସୁନାଖଳାରେ ନିୟୋଜିତ ସିଗ୍ନାଲ କର୍ମଚାରୀ ବୋଲଗଡ଼ ରୋଡ ରେଳ ଷ୍ଟେଶନକୁ ଆସି ସିଗ୍ନାଲ ଦେବା ପରେ ନୟାଗଡ଼କୁ ଟ୍ରେନ୍ ରାତି ୧୦ଟା ୫୫ ଛାଡ଼ିଥିବା କୁହାଯାଉଛି। ନୟାଗଡ଼ରେ ଟ୍ରେନ ୮ଟା ୪୫ରେ ପହଞ୍ଚିବା ବଦଳରେ ୧୧ଟା ୫ରେ ପହଞ୍ଚିଥିଲା।

### ୭ ଷ୍ଟେଶନ ପାଇଁ ୨ ସିଗ୍ନାଲ କର୍ମଚାରୀ

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ଟାଉନ ଷ୍ଟେଶନରୁ ନୟାଗଡ଼ର ନୂଆଗାଁ ଷ୍ଟେଶନ ପର୍ଯ୍ୟନ୍ତ ୭ ସିଗ୍ନାଲ କର୍ମଚାରୀ ସ୍ଥାନରେ ୨ଜଣ ଅଛନ୍ତି। ଖୋର୍ଦ୍ଧା ଟାଉନ ଷ୍ଟେଶନଠାରୁ ନୂଆଗାଁ ପର୍ଯ୍ୟନ୍ତ ୭ଟି ଷ୍ଟେଶନ ଅଛି। ୭ଟି ଷ୍ଟେଶନରୁ ଖୋର୍ଦ୍ଧା ଓ ସୁନାଖଳା ଷ୍ଟେଶନରେ ମାତ୍ର ୨ଜଣ ସିଗ୍ନାଲ କର୍ମଚାରୀ ଅଛନ୍ତି। ଏଣୁ ଟ୍ରେନ୍ ଯାତ୍ରା ପାଇଁ ବିଭିନ୍ନ ସମୟରେ ସିଗ୍ନାଲ ତ୍ରୁଟି ହେଉଛି। ଏଣୁ ସିଗ୍ନାଲ ସମସ୍ୟାର ସମାଧାନ କରିବା କାଠିକର ପାଠ ହେଉଛି। ଗୋଟିଏ ଷ୍ଟେଶନରୁ ଅନ୍ୟ ଷ୍ଟେଶନକୁ କର୍ମଚାରୀ ଆସିବାରେ ବିଳମ୍ବ ହୁଏ। ଏଣୁ ବିଭିନ୍ନ ସମୟରେ ଟ୍ରେନ୍ ଅଟକି ରହୁଥିବାରୁ ଯାତ୍ରୀ ହଇରାଣ ହେଉଛନ୍ତି। ସେହିଭଳି କୋଭିଡ୍ ପରଠାରୁ ପ୍ରତି ଷ୍ଟେଶନରେ ମାତ୍ର ୩୦ ପ୍ରତିଶତ କର୍ମଚାରୀ ଅଛନ୍ତି। କର୍ମଚାରୀ କମିବା ମଧ ବିଭିନ୍ନ ସମୟରେ ଅସୁବିଧାର କାରଣ ହୋଇଛି।

# ମଦ ଦୋକାନ ବନ୍ଦ ଦାବିରେ ଶୋଭାଯାତ୍ରା



ମହିଳା ଓ ପୁରୁଷମାନେ ପ୍ରତିବାଦ କରୁଛନ୍ତି।

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୪।୫**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ବୈରିକୁମ୍ପାଠାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ବନ୍ଦ ପ୍ରତିବାଦ ଜୋର ଧରିଛି । ରବିବାର ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ କେଳାପଡା ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ମଦ ଦୋକାନ ପାଖରେ ପହଁଚି ପ୍ରତିବାଦ କରିଛନ୍ତି । ମଦ ଦୋକାନ ଓ ଲାଇସେନ୍ସ ନବୀକରଣ ବନ୍ଦ କରିବାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା କରାଯାଇଛି ।

ଏହି ଅଞ୍ଚଳରେ ମଦ ଦୋକାନ ବନ୍ଦ କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ମହିଳା ସଂଗଠନମାନେ ଏହାର ପ୍ରତିବାଦ କରି ଆସୁଛନ୍ତି। ହେଲେ ଏହା ଉପରେ ପ୍ରଶାସନ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହିଁ। ବିଗତ ଦିନରେ କେଳାପଡା ସରପଞ୍ଚ ଏହା ଉପରେ ଏକ ପିଟିସନ ଦାଖଲ କରିଥିଲେ । ତଥାପି ଏହାର କିଛି ସୁଫଳ ମିଳିନାହିଁ । ଏତେସବୁ ପରେ ମଦ ଦୋକାନ ଲାଇସେନ୍ସ ନବୀକରଣ କରାଯାଇଛି । ଆଗାମୀ ଦିନରେ ପ୍ରଶାସନ ଏହି ମଦ ଦୋକାନ ବନ୍ଦ ନ କଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି ।

ଏ ସଂକ୍ରାନ୍ତରେ ଜିଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ କୁହନ୍ତି ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଆସିଥିବା ଗ୍ରାମସଭା ରିପୋର୍ଟରେ କୋରମ ଅଭାବ ରହିଛି । ଏଥିଯୋଗୁ ସମ୍ପୃକ୍ତ ମଦ ଦୋକାନକୁ ପୁଣିଥରେ ସରକାର ନବୀକରଣ ପାଇଁ ଆଦେଶ ଦେଇଛନ୍ତି । କେଳାପଡା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଜିଲା ନିଶାମୁକ୍ତ ଅଭିଯାନ ଆବାହକ ସୁଧିର କୁମାର ସାହୁ, କେଳାପଡା ସମିତି ସଭ୍ୟ ବୈରାଗୀ କହଁର, କୁଇ ନେତା ମହେଶ୍ୱର କହଁର, ସାମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ଭ୍ରମର ନାୟକଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।

# ଜୁଆ ଖେଳି ୬ ଜେଲ ଗଲେ


ଗିରଫ ହୋଇଥିବା ୮ ଜୁଆ ଖେଳାଳି, ଜବତ ୮ବାଇକ୍ ଓ ୮ ମୋବାଇଲ।

**ନୟାଗଡ଼ ଅଫିସ,୧୪।୫**

**୮ ବାଇକ୍, ୮ ମୋବାଇଲ ଜବତ**

ନୟାଗଡ଼ ସଦର ଥାନା ପୋଲିସ ଜୁଆ ଖେଳୁଥିବା ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ନାଚୁଗାଁର ଯୁଗଳ ବିଶ୍ୱାଳ (୫୫), ଶରଣକୁଳ ଥାନା ପଞ୍ଚରିଡ଼ା ମାନପୁର ଗାଁର ନବ ପ୍ରଧାନ (୪୫), ଭବାନୀ ଶଙ୍କର ବାଘ (୨୫), ଯୁଗଳ ନାୟକ (୩୫), ନୟାଗଡ଼ ସଦର ଥାନା ହିଞ୍ଜିଳିଗାଡ଼ିଆ ଗାଁର ଧ୍ରୁବ ବରାଡ଼ (୪୫) ଓ ବଢ଼ିଆସାହି ଗାଁର ସୁରେନ୍ଦ୍ର ପ୍ରଧାନ (୩୫) ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ପୋଲିସ ନଢ଼ଆଳି ବଢିଆସାହି ରାସ୍ତାର ଗମେଇ ମେଲାମୁଣ୍ଡିଆ ଉପରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୮ଟି ବାଇକ୍, ୮ଟି ମୋବାଇଲ, ୨ଟି ତାସ ମୁଠା, ଜରିପାଲ, ୧୧ ହଜାର ୩୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୭୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଟ୍ରକ୍‌କୁ ପିଟିଲା ବାଇକ୍, ଚାଳକ ଗୁରୁତର

**ପୋଲସରା,୧୪।୫**

ପୋଲସରା ଥାନା ଉସ୍ଥପଡ଼ା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ୍‌କୁ ପିଟି ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସାମନ୍ତରା ପଲ୍ଲୀ ଗ୍ରାମର ଅମର ନାହକ (୩୫)। ଅମର ବାଉଁସିଆ ନୂଆପଲ୍ଲୀ ଗ୍ରାମ ଭଉଣୀ ଘରକୁ ସାବିତ୍ରୀ ଅମାବାସ୍ୟା ଯୋଗାଡ଼ ଦେଇ ଫେରୁଥିବା ବେଳେ ଉସ୍ଥାପଡ଼ା ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲେ। ତାଙ୍କ ସମ୍ପର୍କୀୟ ଲୋକେ ପହଞ୍ଚି ଘଟଣାସ୍ଥଳରୁ ଗୁରୁତର ଅମରଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲସରା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ହେମେନ୍ଦ୍ର ସେନାର ବୈଠକ: ୩୫ ୟୁନିଟ ରକ୍ତ ସଂଗ୍ରହ



ରକ୍ତଦାତାମାନେ ରକ୍ତଦାନ କରୁଛନ୍ତି।

**ନୟାଗଡ଼ ଅଫିସ,୧୪।୫**

ନୟାଗଡ଼ସ୍ଥ ହେମେନ୍ଦ୍ର ସେନା ପକ୍ଷରୁ ପ୍ରଥମ ସାଧାରଣ ବୈଠକ ସଙ୍ଗଠନର ପ୍ରତିଷ୍ଠାତା ଅରଣ୍ୟରାଜ କିଶୋର ସିଂଙ୍କ ନିର୍ଦ୍ଦେଶରେ ପୁରୁଣା ରାଜବାଟିରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ସୌମ୍ୟ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗୃହ କରାଯାଇଛି। ରକ୍ତଦାନ ଶିବିରରେ ହେମେନ୍ଦ୍ର ସେନାର ସମ୍ପାଦକ ଶେଖ ଅବଦୁଲ ଆହାଦ୍, ସାମାଜିକ କର୍ମୀ ଦାମୋଦର ସାହୁ, ବିଶିଷ୍ଟ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବକୁ ଦୂର ପାଇଁ ହେମେନ୍ଦ୍ର ସେନା ପ୍ରୟାସ ଜାରି ରଖିବାକୁ କୁହାଯାଇଛି। ଅନ୍ୟପକ୍ଷେ ପରବର୍ତ୍ତୀ ପର୍ଯ୍ୟାୟରେ ନୟାଗଡ଼ରେ ମେଡିକାଲ କଲେଜ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ ନୟାଗଡ଼ରେ ହେଉଥିବା ଘନ ଘନ ବିଦ୍ୟୁତ୍ କାଟକୁ ନେଇ ଆଲୋଚନା ହୋଇଥିଲା।

# ପୋଖରୀ ନାଁ ବଦଳାଇ ଅର୍ଥ ଲୁଟ୍ ଅଭିଯୋଗ

**ପୋଲସରା,୧୪।୫**

**ଶ୍ରମିକ ବଦଳରେ କାମ କରୁଛି ମେଶିନ**


ପୋଖରୀ କାର୍ଯ୍ୟରେ ମେଶିନ ବ୍ୟବହାର।

ଗ୍ରାମାଞ୍ଚଳରେ ଲୋକଙ୍କୁ କର୍ମନିଯୁକ୍ତିରେ କାମ ଯୋଗାଇଦେବା ଲକ୍ଷ୍ୟ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରି ପ୍ରତ୍ୟେକ ଜବ କାର୍ଡ ହିତାଧିକାରୀଙ୍କୁ ଶହେ ଦିନର କର୍ମ ନିଯୁକ୍ତି ଯୋଗାଇ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏହାର ବାଟ ମାରଣା ହେଉଛି ଗଞ୍ଜାମ ଜିଲାରେ। ପୋଲସରା ବ୍ଲକ ତୁଙ୍ଗାପଡ଼ା ଗ୍ରାମରେ ରହିଥିବା ଆମ୍ବପୁଆ ବନ୍ଧକୁ ନାମ ବଦଳାଇ ହାଡ଼ିବନ୍ଧ ନାମରେ ମେଶିନ ସାହାଯ୍ୟରେ କାମ କରୁଥିବା ଅଭିଯୋଗ ହୋଇଛି। ଏହି ପୋଖରୀକୁ ପୁନଃଉଦ୍ଧାର ନାମରେ ପୂର୍ବରୁ ଫଲ୍ସ ବିଲ କରି ଅର୍ଥ ହରିଲୁଟ କରିଥିବା ଓଡିଶା ଲୋକାୟୁକ୍ତରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ୨୦୨୨-୨୩ ଆର୍ଥିକ ବର୍ଷ କାର୍ଯ୍ୟର କୋର୍ଡ ୧୦୫୦୫୭୦୯ ନମ୍ବରରେ ଅଟକଳ ମୂଲ୍ୟ ୬ ଲକ୍ଷ ଟଙ୍କା ହାଡିବନ୍ଧ ପୁନରୁଦ୍ଧାର କରିବା ନେଇ ନାମ ଫଳକରେ ଦର୍ଶାଯାଇଛି। ହେଲେ ଲୋକେ କାମ କରିବା ବଦଳରେ ମେଶିନ ସାହାଯ୍ୟରେ କାମ କରି ୧ ଲକ୍ଷ ୧୬ ହଜାର ୮୩୪ ଟଙ୍କା ଉକ୍ତ ଗ୍ରାମର ଜବ କାର୍ଡ ହିତାଧିକାରୀ ସିଆର୍‌ପି, ବିଦ୍ୟୁତ୍ ବିଭାଗ କର୍ମଚାରୀ, ଛାତ୍ର, ଗର୍ଭବତୀ ମହିଳା, ବୃଦ୍ଧା, ବୃଦ୍ଧଙ୍କ ନାଁରେ ଖାତାକୁ ଟଙ୍କା ପଠାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡ଼ାଙ୍କୁ ପଚାରିବାରୁ ଏହି ବିଷୟରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# କୁଇ ସମାଜ ହ୍ରଦଗଡ଼ ଶାଖାର ଭୂମି ପୂଜନ

**ଟିକାବାଲି, ୧୪।୫**

ଟିକାବାଲି ବ୍ଲକ କୁଇ ସମାଜ ହ୍ରଦଗଡ଼ ଶାଖା ପକ୍ଷରୁ କେଦାରସାହି ନିକଟ ପଡିଆରେ କୁଇସମାଜ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ସେହି ସ୍ଥାନରେ ପୂଜାପାଠ କରାଯାଇଛି। କୁଇସମାଜ ଦ୍ୱାରା ବର୍ଷସାରା କରାଯାଉଥିବା ଜନ ହିତକର କାର୍ଯ୍ୟକ୍ରମ ଏବଂ ସଚେତନତାମୂଳକ ବିଷୟ ଉପରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଲାଗି ପ୍ରତିବର୍ଷ ୩ଦିନ ଧରି ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହେଉଛି। ଚଳିତବର୍ଷ ମଧ ଏହାକୁ ଅଧିକ ଆକର୍ଷଣ କରାଯିବ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିସି ଅଧକ୍ଷ ରୋଦନ ମଲ୍ଲିକ, କୁଇ ସମାଜ ସଭାପତି ତପନ କହଁର, ସମ୍ପାଦକ ଜନକ ପ୍ରଧାନ, ଉପସଭାପତି ତ୍ରିନାଥ ପ୍ରଧାନ, ସହ ସମ୍ପାଦକ ବିଷ୍ଣୁ ପ୍ରଧାନ ଏବଂ କେନ୍ଦ୍ର ସଭାପତି ପୁସାରା କହର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ସହଦେବଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ

**ଖଣ୍ଡପଡ଼ା,୧୪।୫(ସ୍ୱ.ପ୍ର.)**

ଭାରତର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅବଦାନ ପାଇଁ କ୍ରାନ୍ତି ଦିବସରେ ୪ର୍ଥ ଥର ପାଇଁ ସମ୍ମାନିତ ହୋଇଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ଛାମୁପାଟଣା ଗାଁର ସହଦେବ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଶନିବାର ସ୍ଥାନୀୟ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଛାମୁପାଟଣା ଓ ଫକୀର ଅତବୁଦ୍ଧିପାଟଣା ଗ୍ରାମର ମହିଳା ମଣ୍ଡଳ ପକ୍ଷରୁ ସନ୍ଧ୍ୟାରେ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠ ନାଥ ବେହେରା ଓ ସ୍ୱପ୍ନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ସହଦେବଙ୍କ ଲୋକପ୍ରିୟତା ସମ୍ପର୍କରେ ସ୍ମୃତି ଚାରଣ କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୨୨ ମେ ୨୩ ତାରିଖ ଚନ୍ଦନ (ଭଉଁରୀ) ଯାତ୍ରା ଦିନ ପରଲୋକ ହୋଇଯାଇଥିବା ସ୍ୱର୍ଗତ ସହଦେବ ୧୯୨୩ରେ ଜନ୍ମ ଗ୍ରହଣ କରିଥିବା ବେଳେ ମୁଣ୍ଡରେ ଧଳା ଖଦଡ ଗାନ୍ଧୀ ଟୋପି ପିନ୍ଧି ହାତରେ ଠେଙ୍ଗା ଧରି ଗାଁରେ ଯୁବକ ସଂଘ ଗଠନ କରି ସେଦିନ ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନର ସନ୍ଦେଶକୁ ପ୍ରଚାର କରିବାରେ ନିୟୋଜିତ ହୋଇଥିଲେ। ଗଡ଼ଜାତ ସମୟରେ ରାଜାଙ୍କ ଅତ୍ୟାଚାର ତଥା କଷଣ ବିରୋଧରେ ସ୍ୱର ଉତ୍ତୋଳନ କରି ୧୯୩୮ରେ ସେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିପାଇଁ ତାଙ୍କୁ ନିର୍ଯାତନା ସହିବାକୁ ପଡ଼ିଥିଲା। ତେବେ ଅତ୍ୟାଚାର ସହି ନ ପାରି ୨ବର୍ଷକାଳ ନିଜ ଗ୍ରାମ ଛାଡ଼ି କଟକ ଜିଲା ବୈଦେଶ୍ୱର ଯାଇ ଆତ୍ମଗୋପନ କରିଥିବା ସେ କହୁଥିଲେ। ଅପରପକ୍ଷରେ ୧୯୪୨ରେ ଗାନ୍ଧିଜୀଙ୍କ ଭାରତଛାଡ଼ ଆନ୍ଦୋଳନ ଡାକରାରେ ତଥା ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ମୋରାଜୀ ଦେଶାଇଙ୍କ ନେତୃତ୍ୱରେ କଟକ ସ୍ୱରାଜ ଆଶ୍ରମରେ ଅନୁଷ୍ଠିତ ବୈଠକରେ ସହଦେବ (୧୯) ବର୍ଷ ବୟସରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିବା ଜଣାଯାଏ। ସେ ଜଣେ ସଙ୍ଗଠକ, ବନ୍ଧୁ ବତ୍ସଳ, ପରୋପକାରୀ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥିତି ଗୁରୁତ୍ୱ ବହନ କରିଥାଏ।


ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା ଶ୍ରାଦ୍ଧ ବାର୍ଷିକୀରେ ନାମ ସଙ୍କୀର୍ତ୍ତନ।

# ଦାବି ପୂରଣ ପାଇଁ କଳା ବ୍ୟାଜ୍ ପିନ୍ଧିଲେ ପ୍ରାଣୀ ଚିକିତ୍ସା କର୍ମଚାରୀ

**ନୂଆଗାଁ,୧୪।୫ (ଡି.ଏନ.ଏ)**

ରାଜ୍ୟ ଅଣ ଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ୫ ଦଫା ଦାବି ନେଇ କଳା ବ୍ୟାଜ ପରିଧାନ କରିଛନ୍ତି। ରାଜ୍ୟ ସଂଘ ନିଷ୍ପତ୍ତି ଅନୁସାରେ ନୂଆଗାଁ ବ୍ଲକ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀମାନେ କଳା ବ୍ୟାଜ ପରିଧାନ କରି ନିଜର ହକ୍ ମାଗିବା ସହ ସରକାରଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ସରକାରଙ୍କ ନିଷ୍ପତ୍ତି ଓ ଚାକିରି କ୍ଷେତ୍ରରେ କର୍ମଚାରୀମାନଙ୍କ ଦୀର୍ଘଦିନର ଅସନ୍ତୋଷକୁ ନେଇ ୨୦୧୮ରେ ପ୍ରାଣୀ ଚିକିତ୍ସା କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ। ରାଜ୍ୟ ସରକାରଙ୍କ ୪ ମାସ ମଧ୍ୟରେ ତାହାର ସମାଧାନ କରିବାର ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା। ଇତି ମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ ସରକାର ଅଦ୍ୟାବଧି ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏପରିକି ରାଜ୍ୟ ସଂଘ ନିଷ୍ପତ୍ତି ଅନୁସାରେ ଫେବୃୟାରୀ ୨୦ରେ ୫ ଦଫା ଦାବି ନେଇ ପ୍ରତ୍ୟେକ ଜିଲା ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ୭ ତାରିଖରେ ରାଜ୍ୟ ସଂଘ ପକ୍ଷରୁ ଭର୍ଚୁଆଲ ବୈଠକ କରି କିଭଳି ତାହାର ପ୍ରତିବାଦ କରାଯିବ ସେ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦରମାରେ ଥିବା ଅସଙ୍ଗତି ଦୂରୀକରଣ, କ୍ୟାଡର ପୁର୍ନଗଠନ ଓ କାର୍ଯ୍ୟ ସାରଣୀରେ ସଂଶୋଧନ, ନିଯୁକ୍ତି ନିୟମ ସଂଶୋଧନ, ୨ ବର୍ଷିଆ ଡିପ୍ଲୋମା ପୁନଃ ପ୍ରଚଳନ, ତା'ର ନାମକରଣ ଓ ବରିଷ୍ଠତା ଭିତ୍ତିରେ ସମସ୍ତ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ଡିପ୍ଲୋମା ମାନ୍ୟତା ପ୍ରଦାନ ଓ ୨୦୦୮ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ପ୍ରାଣୀଧନ ନିରୀକ୍ଷକମାନଙ୍କ ଚୁକ୍ତି ଭିତ୍ତିକ କାର୍ଯ୍ୟକାଳକୁ ନିୟମିତ କରିବା ଆଦି ୫ ଦଫା ଦାବି ପୂରଣ ନ ହେବା ଯାଏ ସମସ୍ତ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀମାନେ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେହି ଅନୁସାରେ, ନୂଆଗାଁ ପ୍ରାଣୀଧନ ଚିକିତ୍ସାଳୟର ଆଲୋକ କୁମାର ପାଇକରାୟ, ପ୍ରଭାତ ମହାପାତ୍ର, ସୁଶାନ୍ତ କହଁର, ଶରତ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା, ସୌଦାଗର ମହାନ୍ତି, ଶ୍ରୀଧର ବାରିକ ପ୍ରମୁଖ ସମସ୍ତ କର୍ମଚାରୀ କଳା ବ୍ୟାଜ ପରିଧାନ କରିଥିଲେ। ତେବେ ଦାବିପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଚାଲୁରହିବ ବୋଲି ସେମାନେ କହିଛନ୍ତି।


ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି।

# ଲୋକସମ୍ବଳ ବିନିଯୋଗରେ ଦାଦନ ସମସ୍ୟା ହଟିବ

- ଜିଲା ବିକାଶରେ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଅଭାବ
- ଶିଳ୍ପ, କ୍ଷୁଦ୍ର ଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ
- କୃଷି, ପର୍ଯ୍ୟଟନକୁ ଗୁରୁତ୍ୱ ଦେବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୪।୫

ରାଜ୍ୟ ସରକାର ଓଡ଼ିଶାକୁ ୧୩ରୁ ୩୦ ଜିଲା କଲେ। ଅବିଭକ୍ତ କଟକ ଜିଲାରୁ କେନ୍ଦ୍ରାପଡ଼ା ୧୯୯୩ ମସିହା ଏପ୍ରିଲରେ ସ୍ୱତନ୍ତ୍ର ମାନ୍ୟତା ମିଳିଲା। ତେବେ ଏହି ଜିଲା ମାନ୍ୟତା ପରେ ସବୁ କିଛି ଠିକ୍‌ଠାକ୍ ଚାଲିନାହିଁ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଜିଲାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାର ଲୋକସମ୍ବଳ ବିନିଯୋଗ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଜିଲାରୁ ଦାଦନ ସମସ୍ୟା ହଟୁନାହିଁ। ଶିଳ୍ପ ଓ କ୍ଷୁଦ୍ରଶିଳ୍ପ ପାଇଁ ପ୍ରଶାସନିକ ବ୍ୟବସ୍ଥା ଯଥେଷ୍ଟ ନୁହେଁ। ସିଙ୍ଗଲ ୱିଣ୍ଡୋ ଏହାର ସମାଧାନ ହୋଇପାରିବ। ସେହିପରି ଜିଲାର ଭିତ୍ତିଭୂମି କୃଷି ଓ ପର୍ଯ୍ୟଟନ ହୋଇଥିଲେ ମଧ୍ୟ ଏହାକୁ ସର୍ବଦା ଅଣଦେଖା କରାଯାଇଛି। ଜିଲା ବିକାଶରେ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଅଭାବ ବୋଲି ସ୍ଥାନୀୟ ଜିଲାବାସୀ ମତ ଦେଇଛନ୍ତି।

### କୃଷି, କୃଷକଙ୍କୁ ଅବହେଳା



ପ୍ରାକୃତିକ ବିପର୍ଯ୍ୟୟପ୍ରବଣ କେନ୍ଦ୍ରାପଡ଼ା ଜିଲାର କୃଷି ଓ କୃଷକଙ୍କ ପ୍ରତି ସର୍ବଦା ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲାର ଅର୍ଥନୀତି କୃଷିଭିତ୍ତିକ। ମାତ୍ର ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇରହିଛି। ଆଳି, ରାଜନଗର, ରାଜକନିକାରେ ଆଦୌ କେନାଲ ନାହିଁ। ମହାକାଳପଡ଼ାରେ ମାତ୍ର ୨୦ ପ୍ରତିଶତକୁ ଜଳସେଚନ ବ୍ୟବସ୍ଥା ହୋଇଛି। ଜଳ ନିଷ୍କାସନ ଚାଷ ପାଇଁ ବଡ଼ ବିପଦ ହୋଇଥିବା ବେଳେ ଜିଲା ଗଠନର ୨୯ବର୍ଷ ପରେ ମଧ୍ୟ ଏଥିପ୍ରତି ପ୍ରଶାସନିକ ଅଧିକାରୀ ଅଥବା ରାଜନେତା ସମ୍ବେଦନଶୀଳ ନୁହନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ ପାଇଁ କାଳିଆ, ବଳାରାମ, କିଷାନ ଯୋଜନାରେ କୃଷକଙ୍କ ଅଭିବୃଦ୍ଧି ପାଇଁ ସହାୟତା ରାଶି ଯୋଗାଉଥିଲେ ମଧ୍ୟ ତୃଣମୂଳ ସମସ୍ୟାକୁ ଏଡ଼ାଇ ଯାଉଛନ୍ତି। ଫଳରେ ଯୁବବର୍ଗ ଚାଷ ପରିବର୍ତ୍ତେ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତ।

**– ରାଧାକାନ୍ତ ମହାନ୍ତି, ଡେରାବିଶ, କେନ୍ଦ୍ରାପଡ଼ା**

### ମୌଳିକ ସେବା ମିଳୁନି

ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ, ପାନୀୟ ଜଳ ପରି ମୌଳିକ ସମସ୍ୟାରେ ଜିଲାବାସୀ ପଡ଼ିଛନ୍ତି। ଜିଲାର ୧୭ ପଞ୍ଚାୟତକୁ ସିଧାସଳଖ ଯାତାୟାତ ପଥ ନାହିଁ। ଶିକ୍ଷାନୁଷ୍ଠାନର ଭିତ୍ତିଭୂମିରେ ଶିକ୍ଷକ ଅଭାବ ପ୍ରାଥମିକ ଅନ୍ତରାୟ ସୃଷ୍ଟି କରିଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀଙ୍କୁ ଚିକିତ୍ସା ବଦଳରେ ଅନ୍ୟତ୍ର ଚିକିତ୍ସା ପାଇଁ ରେଫର କାଗଜ ମିଳୁଛି। ଜିଲାର ବହୁଦିନର ଦାବି ମେଡିକାଲ କଲେଜ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, କୃଷି ବିଦ୍ୟାଳୟ, ସାମୁଦ୍ରିକ ଗବେଷଣାଗାର ଆଦିକୁ ଅଣଦେଖା କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଏକ ମାତ୍ର ପାନୀୟ ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ ଚିହ୍ନଟ କରିଛନ୍ତି। ଏହାସତ୍ତ୍ୱେ ଏହାର ନିରାକରଣ କରାଯାଉନାହିଁ। ଜିଲା ବିକାଶ ପାଇଁ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଅଭାବ ରହିଛି।



**– ସାଗର ଜେନା, କଂସାର, କେନ୍ଦ୍ରାପଡ଼ା**

### କୃଷି ଓ ପର୍ଯ୍ୟଟନକୁ ଅବହେଳା

କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ କୃଷି ଅବହେଳାରେ ଅଛି। ସେହିପରି ପର୍ଯ୍ୟଟନ କ୍ଷେତ୍ର ଆମକୁ ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରିବ। ମାଛ, କୁକୁଡ଼ାଠାରୁ ଆରମ୍ଭ କରି ଅର୍ଥକରୀ ଫସଲ ପାଇଁ ଉପଯୁକ୍ତ ଜଳବାୟୁ ଓ ଭିତ୍ତିଭୂମି ଅଛି। ତେବେ ଯୋଜନା ଅଭାବରୁ ସ୍ଥାନୀୟ କୃଷି ଅବହେଳା ହେଉଛି। ଏପରି କି ଜିଲା ଖୋଟ ଚାଷ ପାଇଁ ପ୍ରସିଦ୍ଧିଲାଭ କରିଥିବା ବେଳେ ଖୋଟ ଗବେଷଣା କେନ୍ଦ୍ର ବନ୍ଦ ହୋଇଯାଇଛି। ସେହିପରି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱବିଦିତ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ନଗଣ୍ୟ ହୋଇଛି। ଏହାବ୍ୟତୀତ ଧାର୍ମିକ ସ୍ଥଳକୁ ସୌନ୍ଦର୍ଯ୍ୟକରଣ କରି ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ।



**– ନୀହାର ରଞ୍ଜନ ପ୍ରଧାନ, ଛୋଟି, କେନ୍ଦ୍ରାପଡ଼ା**

### ଜିଲାର ଉତ୍ପାଦ ବାହାରକୁ ପଠାଇବାକୁ ପଡ଼ିବ

କେନ୍ଦ୍ରାପଡ଼ା ଜିଲାରେ ଖଣି ନାହିଁ। ତେବେ ବୃହତ ଓ କ୍ଷୁଦ୍ର ଶିଳ୍ପ ଜିଲା ବିକାଶକୁ ଆଗେଇ ନେଇପାରିବ। ପ୍ରତି ନିର୍ବାଚନ ସମୟରେ ବନ୍ଦର, ଶିଳ୍ପ ଆଦି ନେଇ ପ୍ରତିଶ୍ରୁତି ମିଳୁଛି। ଏହି ପ୍ରତିଶ୍ରୁତି ପାଳନ ପାଇଁ ଜିଲାବାସୀଙ୍କ ନିକଟରୁ ଚାପ ସୃଷ୍ଟି ହୋଇପାରୁନାହିଁ। କ୍ଷୁଦ୍ର ଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ। ବହୁ ଯୁବ ଉଦ୍ୟୋଗୀ କ୍ଷୁଦ୍ର ଶିଳ୍ପ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଆଇନର ବିଭିନ୍ନ କଟକଣା ବାଟବଣା କରୁଛି। ସ୍ଥାନୀୟ ଉତ୍ପାଦ ପ୍ରତି ବାହାର ଜିଲାବାସୀଙ୍କ ଅପେକ୍ଷା ନାହିଁ। ବରଂ ଜିଲା ବାହାର ଉତ୍ପାଦ ଉପରେ ଆମେ ନିର୍ଭରଶୀଳ ହେଉଛୁ। କର୍ମ ନିଯୁକ୍ତି ସହିତ ଜିଲାର ଉତ୍ପାଦ ବାହାରକୁ ଗଲେ ଜିଲାର ଅର୍ଥନୀତିରେ ଅଗ୍ରଗତି ହେବ।



**– ଶୁଭାଶିଷ ଷଡ଼ଙ୍ଗୀ, ରାଜକନିକା, କେନ୍ଦ୍ରାପଡ଼ା**

# ପ୍ରଗତିଶୀଳ ମହିଳା ସମିତିର କଣ୍ଡିଆ ଫାଣ୍ଡି ଘେରାଉ



ମହିଳାମାନେ କଣ୍ଡିଆ ଫାଣ୍ଡି ଘେରାଉ କରିଛନ୍ତି।

**ହାଟସାହି ସରପଞ୍ଚଙ୍କ ନାମରେ ମିଥ୍ୟା ମାମଲା ପ୍ରତିବାଦ**

ରାଜକନିକା,୧୪।୫(ଡି.ଏନ.ଏ.)

ରାଜକନିକା ଥାନା ହାଟସାହି ସରପଞ୍ଚ ସୀତାରାଣୀ ଦାସଙ୍କ ନାମରେ କଣ୍ଡିଆ ଫାଣ୍ଡିରେ ପଞ୍ଚାୟତର ମନୋଜ କୁମାର ଦାସ ୩।୪।୨୩ରେ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀଙ୍କ ପକ୍ଷରୁ ପ୍ରାଥମିକ ତଦନ୍ତ କରା ନ ଯାଇ ସରପଞ୍ଚ ଦାସଙ୍କ ନାମରେ ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ଏହା ଜଣାପଡ଼ିବା ପରେ ପ୍ରତିବାଦ କରି ପ୍ରଗତିଶୀଳ ମହିଳା ସମିତି ହାଟସାହି ଶାଖା ପକ୍ଷରୁ ସଭାନେତ୍ରୀ ସରୋଜିନୀ ବିଶ୍ୱାଳ ଓ ସମ୍ପାଦିକା ଝରଣା ରାଉତଙ୍କ ନେତୃତ୍ୱରେ ପଞ୍ଚାୟତ ଅନ୍ନପୂର୍ଣ୍ଣା ପଡ଼ିଆରୁ ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ପୋଲିସ ବିରୋଧରେ ନାରାବାଜି କରି କଣ୍ଡିଆ ଫାଣ୍ଡି ଘେରାଉ କରିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା କରି ପୋଲିସ, ଶାସକଦଳର ନେତା, ବାଲି ବ୍ୟବସାୟୀ ଓ ଚୋରାମଦ ବିକ୍ରି ମାଫିଆଙ୍କ ଇଙ୍ଗିତରେ ଫାଣ୍ଡି ଚାଲୁଛି ବୋଲି ଅଭିଯୋଗ କରିଥିଲେ। ମହିଳାମାନେ ଦାବି କରିଥିଲେ କି, ଫାଣ୍ଡି ଅଧିକାରୀ ମହିଳା ସରପଞ୍ଚଙ୍କ ବିରୋଧରେ ଯେଉଁ ମିଥ୍ୟା ମାମଲା ରୁଜୁ କରିଛନ୍ତି ତାହା ପ୍ରତ୍ୟାହାର କରନ୍ତୁ। ଯେଉଁ ବ୍ୟକ୍ତି ମହିଳା ସରପଞ୍ଚଙ୍କ ନାମରେ ମିଛ ଏତଲା ଦେଇଛନ୍ତି ପୋଲିସ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉ। ହେଲେ ଫାଣ୍ଡି ଅଧିକାରୀ ତଦନ୍ତ ନ କରି ମାମଲା ରୁଜୁ କରି ସଙ୍ଗିନ ଦଫା ଲଗାଇଛନ୍ତି। ତାଙ୍କ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜଣେ ୭୦ ବର୍ଷୀୟା ମହିଳା ସରପଞ୍ଚ ଏପରି କି ଅପରାଧ କଲେ କି ତାଙ୍କ ବିରୋଧରେ ତଦନ୍ତ ନ କରି ମିଥ୍ୟା ମାମଲା ରୁଜୁ କରାଯିବ ବୋଲି ସଭାରେ ସିପିଆଇ(ଏମ୍‌ଏଲ୍)ର ଜିଲା ସମ୍ପାଦକ ବିଧାନ ଦାସ ବକ୍ତବ୍ୟ ରଖିଥିଲେ। ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ଆଜିବିଶ୍ୱ ମାତୃଦିବସରେ ମା' ସମସ୍ତଙ୍କର, ଫାଣ୍ଡି ଅଧିକାରୀଙ୍କର କ'ଣ ମା' ନାହିଁ। କେଉଁ ଆଧାରରେ ତଦନ୍ତ ନ କରି ଜଣେ ବରିଷ୍ଠ ନାଗରିକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କଲେ ବୋଲି କହିଥିଲେ। ତେବେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀ ମହିଳାମାନଙ୍କୁ ବୁଝାଶୁଝା ପରେ ମହିଳାମାନେ ଫାଣ୍ଡି ଘେରାଉରୁ ହଟିଥିଲେ। ଏ ନେଇ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦେବାକୁ ସେ ମନା କରିଥିଲେ। ଏଥିରେ ସରପଞ୍ଚ ଦାସ, ନାଏବ ସରପଞ୍ଚ ବିଦ୍ୟୁତଲତା ନାୟକ, ରତ୍ନମାଳା ବିଶ୍ୱାଳ, ପୁଷ୍ପଲତା ମଲ୍ଲିକ, ମାନିନୀ ସାହାଣୀଙ୍କ ସହ ଝାନସୀରାଣୀ ମହିଳା ସମିତିର ସଭ୍ୟା ଅପରାଜିତା ବେହେରା, ପିଙ୍କି ଜେନା, ଚିନ୍ମୟୀ ମହାକୁଳ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ମଳୟ ସାହାଣୀ, ଅକ୍ଷୟ ବେହେରା ଓ ସୌଭାଗ୍ୟ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧର୍ମଶାଳା ଡାକ୍ତରଖାନାରେ ୮ଜଣ ମାତୃତ୍ୱ ଲାଭକଲେ

**ବିଶ୍ୱ ମାତୃତ୍ୱ ଦିବସ**

ଧର୍ମଶାଳା,୧୪।୫(ଡି.ଏନ.ଏ.):

ବିଶ୍ୱ ମାତୃତ୍ୱ ଦିବସ ରବିବାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଜଣ ମାତୃତ୍ୱ ଲାଭ କରିଛନ୍ତି। ସେଥିମଧ୍ୟରେ ୬ ଶିଶୁକନ୍ୟା ଓ ୨ ଶିଶୁପୁତ୍ର ଜନ୍ମ ହୋଇଥିବା ସୂଚନା ମିଳିଛି। ବ୍ରହ୍ମବରଦା ଅଞ୍ଚଳର ଫାତିମା ତବସୁମ ଦ୍ୱିତୀୟ ଗର୍ଭରେ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ଅରଙ୍ଗାବାଦ ଅଞ୍ଚଳର ଜାନକୀ ସାହୁଙ୍କର ତୃତୀୟ ଗର୍ଭରେ ଶିଶୁପୁତ୍ର, ବାଲିପାଟଣା ଅଞ୍ଚଳର ବବିତା ପାତ୍ରଙ୍କ ଦ୍ୱିତୀୟ ଗର୍ଭରେ ଶିଶୁକନ୍ୟା ଜନ୍ମ ହୋଇଛି। ଗେଙ୍ଗୁଟିଆ ଅଞ୍ଚଳର ସୁମିତ୍ରା ସାହୁଙ୍କ ପ୍ରଥମ ଗର୍ଭରେ ଶିଶୁପୁତ୍ର, ନିତ୍ୟାନନ୍ଦପୁର ଗ୍ରାମର ମନୀଷା ଜେନାଙ୍କ ପ୍ରଥମ ଗର୍ଭରୁ ଶିଶୁକନ୍ୟା ଜନ୍ମ ହୋଇଛି। ଓରାଳିର ସାବିତ୍ରୀ ସାମଲ ପ୍ରଥମ ଗର୍ଭରେ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଉତ୍ତରପଶିର ସଙ୍ଗୀତା ଦେଉରୀ ଦ୍ୱିତୀୟ ଗର୍ଭରେ ଶିଶୁକନ୍ୟା ଓ ଆଳଜଙ୍ଗାର ରଞ୍ଜୁ ଖଟୁଆ ଦ୍ୱିତୀୟ ଗର୍ଭରେ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଜନ୍ମ ହୋଇଥିବା ସମସ୍ତ ଶିଶୁ ଓ ସେମାନଙ୍କ ମା'ମାନେ ସୁସ୍ଥ ଥିବା ଷ୍ଟାଫ୍‌ନର୍ସ ହେମଲତା ସାହୁ, ସତ୍ୟଭାମା ମହାପାତ୍ର ଏବଂ ଡାକ୍ତର ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ଚିକିତ୍ସାଧୀନ ମୁଖ୍ୟ ଅଭିଯୁକ୍ତ ଗିରଫ

**ଚନ୍ଦନଯାତ୍ରା ସମୟରେ ବାଣ ବିସ୍ଫୋରଣ ଘଟଣା**

ତିର୍ତ୍ତୋଲ, ୧୪।୫ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁରସ୍ଥିତ ଶାରଳା ମନ୍ଦିରର ଚନ୍ଦନଯାତ୍ରା ସମୟରେ ହୋଇଥିବା ବାଣ ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବାଣ ବ୍ୟବସାୟୀ ଶଙ୍କର ବାରିକଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୨୨୯/୨୩) ରୁଜୁ ହୋଇଛି। କିନ୍ତୁ ଶଙ୍କର ଆହତ ହୋଇ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି। ସେଠାରେ ତାଙ୍କୁ ପୋଲିସ ହେପାଜତରେ ରଖାଯାଇଛି। ଏହି ଘଟଣାରେ ଆହତ ହୋଇଥିବା ମୋଟ୍ ୧୨ ଜଣଙ୍କ ମଧ୍ୟରୁ ୮ ଜଣ ଏବେବି ଚିକିତ୍ସାଧୀନ ରହିଛନ୍ତି। ୪ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଚିକିତ୍ସାଧୀନଙ୍କ ମଧ୍ୟରୁ ୫ ଜଣ କଟକ ବଡ଼ ଡାକ୍ତରଖାନାର ଆଇସିୟୁରେ ଥିବାବେଳେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ୨ ଆହତ ପୋଲିସ କର୍ମଚାରୀ ସ୍ମୃତିରଞ୍ଜନ ମହାପାତ୍ର ଓ ଦୀପ୍ତିରଞ୍ଜନ ରାୟଙ୍କ ସମେତ ଅଭିଯୁକ୍ତ ଶଙ୍କର ଭର୍ତ୍ତି ହୋଇଛନ୍ତି। ଏସମ୍ପର୍କରେ ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ କହିଛନ୍ତି, ଶୁକ୍ରବାର ରାତିରେ ଚନ୍ଦନ ଯାତ୍ରା ସମୟରେ ଭଉଁରି ପୂର୍ବରୁ ଚନ୍ଦନ ପୋଖରୀ ନିକଟରେ ମା'ଙ୍କୁ ପ୍ରଦାନ କରାଯାଇଥିବା ବାଣଗୁଡ଼ିକୁ ଫୁଟାଯାଇଥିଲା। ଅଭିଯୁକ୍ତ ଶଙ୍କର ଏସବୁ ବାଣ ଫୁଟାଉଥିବାବେଳେ ଗଛ ବାଣରୁ ନିଆଁଝୁଲ ଖସି ନିକଟରେ ଥୁଆ ହୋଇଥିବା ବାଣଗଦାରେ ଲାଗିଯାଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଛି।




**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**


@ ଆସିଫ


@ ପ୍ରଦୀପ


@ ଦିଲୀପ


@ ଜୟଦେବ


@ ସ୍ୱପ୍ନେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଇକ୍ ପୋଡ଼ି ଘଟଣାର ତଦନ୍ତ କରୁନି ପୋଲିସ

- ଆଜି ପୋଲିସ ଡିଜିଙ୍କୁ ଜଣାଇବେ ଅଭିଯୋଗକାରୀ
- ଏସ୍‌ପିଙ୍କୁ ଭେଟିବା ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ଚଣ୍ଡିଖୋଲ,୧୪।୫(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ରଧାଦେଇପୁର ପଞ୍ଚାୟତ କୁଆଁରପୁର ଗ୍ରାମର ପ୍ରସନ୍ନ କୁମାର ସ୍ୱାଇଁଙ୍କ ବାଇକ୍ ପୋଡ଼ି ଘଟଣାର ତଦନ୍ତ କରୁନି ପୋଲିସ। ତେଣୁ ସେ ସୋମବାର ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ଭେଟି ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିବେ ବୋଲି ପ୍ରକାଶ କରିଛନ୍ତି। ଗତ ଡିସେମ୍ବର ୨୯ ରାତିରେ ଘର ବାରଣ୍ଡାରେ ତାଙ୍କ ବାଇକ୍‌ଟି ଥିବାବେଳେ କେହି ଦୁର୍ବୃତ୍ତ ସେଥିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ବାଇକ୍‌ଟି ପୋଡ଼ି ପାଉଁଶ ହୋଇଯାଇଥିଲା। ଶବ୍ଦ ଓ ପୋଡ଼ା ଧୂଆଁ ହେବାରୁ ପରିବାର ଲୋକେ ଉଠିପଡ଼ିଥିଲେ। ଏହାଦେଖି ଦୁର୍ବୃତ୍ତମାନେ ଦୌଡ଼ି ପଳାଇଥିଲେ। ଏନେଇ ସ୍ୱାଇଁ ୩୧ ତାରିଖରେ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁଶୀଲ କୁମାର ନାୟକ ନଂ.୪୨୪/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ମାତ୍ର ବଡ଼ଚଣା ଥାନାରେ ହାଜତ ମୃତ୍ୟୁ ଘଟଣା ପରେ ସମ୍ପୃକ୍ତ ଅଧିକାରୀଙ୍କ ବଦଳି ହୋଇଯାଇଥିଲା। ଏହାପରେ ଆଜିପର୍ଯ୍ୟନ୍ତ ଘଟଣାର କୌଣସି ତଦନ୍ତ ହୋଇପାରିଲାନାହିଁ। ଫଳରେ ସେ ଗତ ୧୫ ତାରିଖରେ ଯାଜପୁର ଏସ୍‌ପିଙ୍କୁ ଭେଟି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ମାତ୍ର ଏସ୍‌ପିଙ୍କୁ ସାକ୍ଷାତ୍ କରିବାର ପାଖାପାଖି ଏକ ମାସ ହୋଇଥିଲେ ବି କୌଣସି ତଦନ୍ତ ହୋଇନାହିଁ ବୋଲି ସ୍ୱାଇଁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ଥାନା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସମସ୍ୟାଘେରରେ ବେତ କାରିଗର





କାରିଗରମାନେ ବେତରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।

- ମିଳୁନି କଞ୍ଚାମାଲ
- ବୃତ୍ତିରୁ ମୁହଁ ଫେରାଇଲେଣି ଅନେକ
- ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

କାଏମା,୧୪।୫(ଡି.ଏନ.ଏ.):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ମିର୍ଜାପୁର ପଞ୍ଚାୟତ କଣ୍ଟାବଣିଆ ଗାଁର ବେତ କାରିଗର ଏବେ ସମସ୍ୟାଘେରରେ। ଏହି ଗାଁରେ ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ପରିବାର ବେତରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ତାହାକୁ ବିକ୍ରି କରି ପରିବାର ଗୁଜରାଣ ମେଣ୍ଟାଇଥାନ୍ତି। କିନ୍ତୁ ଏବେ କଞ୍ଚାମାଲ୍ ଅଭାବ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଦୀର୍ଘବର୍ଷ ଧରି ଚଳିଆସୁଥିବା ବୃତ୍ତି ଏବେ କଞ୍ଚାମାଲ ଓ ପ୍ରଶାସନିକ ଦୃଷ୍ଟି ଅଭାବରୁ ବାଧାପ୍ରାପ୍ତ ହୋଇଛି। ଜଙ୍ଗଲରେ ଆଉ ବେତ ମିଳୁନାହିଁ। ଯଦି ବି ମିଳୁଛି ତାହାକୁ କାରିଗରମାନେ ଆଣିପାରୁନାହାନ୍ତି। ଏହାକୁ ବନ ବିଭାଗ କର୍ମଚାରୀ ବିରୋଧ କରୁଥିବା କେତେଜଣ ବେତ କାରିଗର କହିଛନ୍ତି। ବାହାରୁ ବେତ ଆଣିଲେ ପରିବହନ ଖର୍ଚ୍ଚ ତୁଲାଇବା ମୁସ୍କିଲ ହୋଇପଡୁଛି। ଫଳରେ ଅନେକ କାରିଗର ଏହି ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ବେତ ତିଆରି ଆସବାବପତ୍ର ଯେମିତି ହାଲୁକା, ସେମିତି ସୁନ୍ଦର। ଏହାସହ ଦୀର୍ଘଦିନ ଧରି ବ୍ୟବହାର ହୋଇପାରୁଥିବାରୁ ବଜାରରେ ଭଲ ଚାହିଦା ରହିଥାଏ। ଏମାନଙ୍କ ହାତତିଆରି ସାମଗ୍ରୀ ଯଥା ; ଗଉଣି, କୁଞ୍ଚ, ମାଣ, ସେର, ଟୋକେଇ, ସୋଫା ଓ ଘରସଜ୍ଜା ଉପକରଣକୁ ଦେଖିଲେ ଲୋକେ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି।

ଓଡ଼ିଶାର ବାଲେଶ୍ୱର, ବାରିପଦା, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଓ ପୁରୀ ଆଦି ୩୦ ଜିଲାରେ ବେତ ସାମଗ୍ରୀର ଚାହିଦା ରହିଛି। ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଏହି କାରିଗରଙ୍କୁ ଅଧିକ ପ୍ରଶିକ୍ଷିତ କରି ବ୍ୟବସାୟ ବଢ଼ାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର କଞ୍ଚାମାଲ ଅଭାବରୁ ଏହା ବନ୍ଦ ହୋଇଯାଇଛି। କାରିଗରମାନେ ଏବେ ଘୋର ଆର୍ଥିକ ସମସ୍ୟାରେ ଦିନ କାଟୁଛନ୍ତି। କେତେଜଣ ଦୂର ଜଙ୍ଗଲରୁ ବେତ ସଂଗ୍ରହ କରି ନିଜ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ତେବେ ପ୍ରଶାସନ କଞ୍ଚାମାଲ ସହ ଆବଶ୍ୟକ ସହାୟତା ଯୋଗାଇଦେଲେ ସେମାନେ ନିଜ ବୃତ୍ତି ବଞ୍ଚାଇ ରଖିବା ସହ ଅର୍ଥ ରୋଜଗାର କରିପାରନ୍ତେ। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି।

# ଶ୍ରମିକଙ୍କ ନାଁରେ ରୋଜଗାରକୁ ବନ୍ଦ କରାଯାଉ

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରଖାଯାଉ ସ୍ୱଚ୍ଛତା
- ମିଥ୍ୟା ଶ୍ରମ ଦିବସ ଓ ଅପବ୍ୟୟ ରୋକାଯାଉ
- ମେଶିନ କାମ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ
- ଶ୍ରମିକଙ୍କୁ କାମ ଦେଇ ଦାଦନ ଯିବା ବନ୍ଦ ହେଉ

ନୟାଗଡ଼ ଅଫିସ,୧୪।୫

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କ ନାଁରେ ମେଶିନ ଦ୍ୱାରା କାର୍ଯ୍ୟ କରି ମିଥ୍ୟ ଶ୍ରମ ଦିବସ ସୃଷ୍ଟି କରାଯାଉଛି ବୋଲି ଅଭିଯୋଗ ହୋଇଆସୁଛି। ପୋଖରୀ ଖନନଠାରୁ ଆରମ୍ଭ କରି ଅନେକ କାର୍ଯ୍ୟ ମେଶିନ ଦ୍ୱରା କରାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେବଳ ଶ୍ରମିକଙ୍କୁ କାମ ଦେବାର ବ୍ୟବସ୍ଥା କରି ମେଶିନ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ବ୍ୟବସ୍ଥା କରନ୍ତୁ ବୋଲି ଦାବି ଉଠିଲାଣି। ସରକାରୀ ଅନୁଦାନର ଅପବ୍ୟୟ ସହ ଦାଦନ ରୋକାଯିବାକୁ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି। ଶ୍ରମିକଙ୍କ ନାଁରେ ରୋଜଗାରକୁ ଆଉ ବରଦାସ୍ତ କରାଯିବନି ବୋଲି କୁହାଯାଉଛି।

### ଲୋକଦେଖାଣିଆ ସମୀକ୍ଷା

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖନନଠାରୁ ବହୁ କାର୍ଯ୍ୟରେ ଜେସିବି, ଟ୍ରାକ୍ଟର ପରି ଯନ୍ତ୍ର କାମ କରୁଛି। ତେବେ ଶ୍ରମିକଙ୍କ ନାଁରେ ବିଲ୍ କରି କାହିଁକି ସରକାରୀ ଟଙ୍କା ଆତ୍ମସାତ କରାଯାଉଛି। ଯୋଜନା ପରେ ଏହାର ସୁଫଳ ଓ ବିଫଳତାର ଯେଉଁ ଲୋକ ଦେଖାଣିଆ ସମୀକ୍ଷା ହେଉଛି ତାକୁ ବନ୍ଦ କରି ପ୍ରକୃତ କାରଣ ଖୋଜାଯାଉ। ଯୋଜନାରେ ଯେଉଁ କାମ ଯନ୍ତ୍ର କରିବ ସେଗୁଡ଼ିକୁ ଚିହ୍ନଟ କରି ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ଏହା ଦ୍ୱାରା ସରକାରୀ ଅନୁଦାନ ଅପବ୍ୟୟ ବନ୍ଦ ହେବା ସହ ଶ୍ରମିକଙ୍କୁ କାମ ମିଳିବ।



**–ଲକ୍ଷ୍ମୀଧର ପ୍ରଧାନ,** ଇଟାମାଟି

### ନୀରବତା ଠିକ୍ ନୁହେଁ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତା ରହୁନି ବୋଲି ସରକାର, ବିରୋଧୀ ଦଳ, ପ୍ରଶାସନ, ସାଧାରଣ ଲୋକ, ଶ୍ରମିକ ଅବଗତ ହୋଇ ମଧ୍ୟ ଚୁପ ରହିବା ଠିକ୍ ନୁହେଁ। ମିଥ୍ୟାରେ ବାହାବା ନେବା ଅପେକ୍ଷା ପ୍ରକୃତରେ ଶ୍ରମିକ ଯେପରି କାମ ପାଇବେ ତା'ର ବ୍ୟବସ୍ଥା କରାଯାଉ। ଶ୍ରମିକଙ୍କ ନାଁରେ ରୋଜଗାର କରି ତାଙ୍କୁ ଦାଦନ ପଠାଇବା କେତେଦୂର ଠିକ୍। ଏହା କ'ଣ ବିକାଶର ରୂପରେଖ। ସବୁକଥାରେ ନୀରବତା ଠିକ୍ ନୁହେଁ।



**–ବିରଞ୍ଚି ସାହୁ,** ଦଶପଲ୍ଲା

### ଶ୍ରମିକଙ୍କୁ କାମ ମିଳୁନି

ଓଡ଼ଗାଁ ବ୍ଲକର କୁରାଳ, ଦଣ୍ଡୋର, ହନୁମନ୍ତିଆ, ନଠିଆପଲ୍ଲୀ, କୋମଣ୍ଡ, ପାଣ୍ଡେରୀପଡ଼ା, ଦେଓଗାଁ ଭାଲିଆଡ଼ିହି, ମଦନପୁର ଗାଁର ଶ୍ରମିକମାନେ ପେଟପାଟଣା ପାଇଁ ଦଳବଦ୍ଧ ହୋଇ କଳାହାଣ୍ଡି, କୋରାପୁଟ, ଫୁଲବାଣୀ ପରି ଜିଲାକୁ ଯାଇ ପୋଖରୀ, କୂଅ ଖୋଳୁଛନ୍ତି। ନିଜ ଜିଲାରେ କାମ ମିଳୁଥିଲେ ସେମାନେ ପରିବାର ଛାଡ଼ି ରୋଜଗାର ପାଇଁ ଅନ୍ୟ ଜିଲାକୁ ଯାଆନ୍ତେ ନାହିଁ। ଜିଲାରେ ଜେସିବି ଓ ଟ୍ରାକ୍ଟର ପରି ଯନ୍ତ୍ର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରୁଥିବାରୁ ଏଭଳି ସଙ୍କଟ ହେଉଛି। ଏଣୁ ମେଶିନକୁ ଗୁରୁତ୍ୱ ନ ଦେଇ ଶ୍ରମିକଙ୍କୁ କାମ ଦେବାର ଆନ୍ତରିକତାର ସହ ବ୍ୟବସ୍ଥା କରାଯାଉ। ମେଶିନ କାର୍ଯ୍ୟ କରିବା ନେଇ ଆଇନରେ ସଂଶୋଧନ କରାଯାଉ।



**–ଶାନ୍ତନୁ ବିଶୋୟୀ,** ଓଡ଼ଗାଁ

### ପରିବର୍ତ୍ତନ ଜରୁରୀ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ରୂପରେଖରେ ପରିବର୍ତ୍ତନ ଜରୁରୀ ହୋଇପଡିଛି। ଶ୍ରମିକଙ୍କ ନାଁରେ ମେଶିନ କାର୍ଯ୍ୟ କରିବା କାରଣରୁ ସରକାରୀ ଯୋଜନାର ସୁଫଳ ମିଳୁନି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା ବୈଠକରେ ଏ ନେଇ ପ୍ରସ୍ତାବ ପାରିତ ହୋଇ କେନ୍ଦ୍ର ସରକାରଙ୍କୁ ଦିଆଯାଉ। ଶ୍ରମିକମାନେ ନିଜର ହକ ପାଇଁ ଆଗକୁ ଆସିବା ଦରକାର। ଜିଲାପାଳ, ବିଧାୟକ, ମନ୍ତ୍ରୀ ଓ ଶ୍ରମିକ ନେତା ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।



**–ଅନନ୍ତ ବେହେରା,** ଶ୍ରମିକ, ଭାପୁର

### ଆନ୍ଦୋଳନ ପାଇଁ ସଜବାଜ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ କାମ ପାଉନାହାନ୍ତି। ପୁଣି ମେଶିନ ଯେଉଁ କାର୍ଯ୍ୟ କରୁଛି ସେହି କାମ ଶ୍ରମିକ କରିପାରିବେନି। ଏଣୁ ଶ୍ରମିକ କାମ କଲା ପରି କାର୍ଯ୍ୟ ରଖି ଯୋଜନାର ରୂପରେଖ ବଦଳାଯାଉ। ତେବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କିଛି ଲୋକଙ୍କର ରୋଜଗାରର ମାଧ୍ୟମ ହୋଇଥିବାରୁ ଏଥିରେ ପରିବର୍ତ୍ତନ ଆଶା କରିବା ନିରର୍ଥକ। ଶ୍ରମିକମାନେ ଏ ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ନିଜର ହକ ସରକାରଙ୍କୁ ଅବଗତ କରାଇବା ଦରକାର। ଶ୍ରମିକମାନେ ଏ ଦିଗରେ ଏକାଠି ହେଲେଣି।



**–ପ୍ରଭାତ ପ୍ରଧାନ,** ନନ୍ଦିଘୋର, ଓଡ଼ଗାଁ

ସେଲ୍‌ଫି କର୍ନର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆସିକ



@ ପ୍ରଦୀପ



@ ଦିଲିପ



@ ଜୟଦେବ



@ ସ୍ୱପ୍ନେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତାତିରୁ ରକ୍ଷା ପାଇଁ ମନ୍ଦିର ପରିସରରେ ବିଛା ହେଲା ଗାଲିଚା

ଖଣ୍ଡପଡ଼ା,୧୪।୫(ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପରିସରରେ ଗ୍ରୀଷ୍ମ ତାତିରୁ ରକ୍ଷା ପାଇବାକୁ ଏବେ କତାର ଗାଲିଚା ବିଛା ଯାଇଛି। ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରକୁ ଦର୍ଶନ କରିବାକୁ ଆସିଥାନ୍ତି। ତେବେ ଗ୍ରୀଷ୍ମ ପ୍ରବାହ ସମୟରେ ପାହାଡ଼ ଉପରେ ବିରାଜିତ ଶ୍ରୀଜୀଉଙ୍କ ମନ୍ଦିରକୁ ପର୍ଯ୍ୟଟକମାନେ ଯିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରବଳ ତାତିରେ ମନ୍ଦିର ପାହାଚ ସହ ମନ୍ଦିର ପରିସର ତାତି ଯାଉଥିବାରୁ ଖାଲି ପାଦରେ ଶ୍ରଦ୍ଧାଳୁମାନେ ଯିବା କଷ୍ଟକର ହୋଇଥାଏ। ଏ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥାଏ। ଏଥିପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରତିବର୍ଷ ମନ୍ଦିର ପାହାଚ ଓ ପରିସରରେ ଚୂନ ପ୍ରଲେପ ଦିଆଯାଇଥାଏ। ତେବେ ଚଳିତବର୍ଷ ପର୍ଯ୍ୟଟକମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ପ୍ରବଳ ତାତିରୁ ରକ୍ଷା ପାଇବାକୁ ପଦକ୍ଷେପ ସ୍ୱରୂପ କେରଳର ରଥିଆ ଇଣ୍ଡଷ୍ଟ୍ରିଜ ନାମକ ଏକ କମ୍ପାନୀଠାରୁ ନଡ଼ିଆ କତାର ଗାଲିଚା ବରାଦ ଦିଆଯାଇଥିଲା। ମନ୍ଦିର ପାହାଚ ସମେତ ମନ୍ଦିର ବେଢା ଚତୁଃପାର୍ଶ୍ୱରେ ପ୍ରାୟ ୫୦ ମିଟର ଲମ୍ବ ଓ ୩ ଫୁଟ ଓସାରର ୪ ଟି ରୋଲ ନଡ଼ିଆ କତାର ଗାଲିଚା ଏଠାରେ ପହଞ୍ଚିବା ପରେ ଶନିବାର ବିଛା ଯାଇଥିଲା। ଏଥି ନିମନ୍ତେ ଆବଶ୍ୟକ ଥିବା ଉପରୋକ୍ତ ଦୈର୍ଘ୍ୟ ବିଶିଷ୍ଟ ୪ଟି ରୋଲ ଗାଲିଚା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ୪୯,୯୯୬ ଟଙ୍କା ୮୦ ପଇସା ବ୍ୟୟ ହୋଇଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି।

**କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର**



ମନ୍ଦିର ପାହାଚରେ ଗାଲିଚା ପକାଯାଇଛି।

# ଲଡ୍ଡୁବାବାଙ୍କ ମନ୍ଦିରର ଭୋଗ ଅନନ୍ୟ

ଶରଣକୁଳ,୧୪।୫(ଡି.ଏନ.ଏ.)

## ବଡ଼ଶୃଙ୍ଗାରରେ ସର ଶୁଆଳି, ଗଜା କଦମ୍ବା ଭୋଗ

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡ୍ଡୁବାବାଙ୍କ ମନ୍ଦିର ପରିଚାଳନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବାରୁ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରି ବେଶ୍ ଆନନ୍ଦ ଉପଭୋଗ କରୁଛନ୍ତି। ପ୍ରଭୁ ଲଡ୍ଡୁବାବାଙ୍କ ସକାଳ ବଲ୍ଲଭଠାରୁ ରାତ୍ର ବଡ଼ଶୃଙ୍ଗାର ପର୍ଯ୍ୟନ୍ତ ବିଭିନ୍ନ ନୀତି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ନୀତି ସମୟରେ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ଭୋଗ, ପ୍ରସାଦ ପାଇ ଭକ୍ତମାନେ ନିଜକୁ ଧନ୍ୟ ମନେକରୁଛନ୍ତି। ଠାକୁରଙ୍କ ପାଖରେ କୌଣସିପ୍ରକାର ବାସିଭୋଗ ବିକ୍ରି ହୁଏନାହିଁ। ପ୍ରତିଦିନ ପ୍ରସାଦ ପାଇବାକୁ ଏତେ ଲୋକ ସମାଗମ ହେଉଛନ୍ତି ଯେ, ଲଟେରି ମାଧ୍ୟମରେ ପ୍ରସାଦ ବିକ୍ରି ହେଉଥିବା ଭକ୍ତମାନଙ୍କଠାରୁ ପ୍ରକାଶ। ଦେବୋତ୍ତର ବିଭାଗର ନିୟମ ଅନୁଯାୟୀ, ମହାପ୍ରଭୁଙ୍କ ପାଇଁ ଭୋଗ ପ୍ରସ୍ତୁତ କରାଯାଇଥାଏ। ସକାଳ ବଲ୍ଲଭ ନୀତିରେ ମହାପ୍ରଭୁଙ୍କ ଭୋଗ ପାଇଁ ପ୍ରସ୍ତୁତ ହେଉଥିବା କୋରା, ମଧ୍ୟାହ୍ନ ଧୂପରେ ପ୍ରସ୍ତୁତ ଝିଲି ଏବଂ ପୁଡ଼ା ଭୋଗରେ ପ୍ରସ୍ତୁତ ଏଣ୍ଡୁରି, କାନ୍ତି ବରା ତଥା କାକରା ଅତ୍ୟନ୍ତ ସୁସ୍ୱାଦୁ ହୋଇଥାଏ। ଚାହିଦା ମୁତାବକ ଭୋଗ ମିଳୁ ନ ଥିବା ଭୋଗ ପ୍ରତ୍ୟାଶୀଙ୍କଠାରୁ ପ୍ରକାଶ। ସନ୍ଧ୍ୟାରେ ଟେରା ଭୋଗରେ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ମାଣ୍ଡୁଅ ପଣା, ସରପଣା, ତାଟଖଜା ଏବଂ ଗୋପାଳ ଅତ୍ୟନ୍ତ ଉଚ୍ଚକୋଟୀର। ବଡ଼ଶୃଙ୍ଗାରରେ ସର ଶୁଆଳି ଏବଂ ଗଜା କଦମ୍ବା ରାଜ୍ୟର ବିଭିନ୍ନ ମନ୍ଦିରରେ ମିଳୁଥିବା ଭୋଗଠାରୁ ଅତ୍ୟନ୍ତ ଉତ୍କୃଷ୍ଟ ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ଏ ଭୋଗ ଥରେ ଯିଏ ଖାଇଛି ସେ ବାରମ୍ବାର ପାଇବାର ଇଚ୍ଛା ପୋଷଣ କରିଥାନ୍ତି। ଏହି ଭୋଗ ଶୁଦ୍ଧ ଗୁଆଘିଅ ତଥା ଦେଶୀଗାଈ ଛେନାରେ ପ୍ରସ୍ତୁତ ହୁଏ ବୋଲି ସେବାୟତମାନେ କହିଛନ୍ତି। ପ୍ରତିଦିନ ଏହି ଭୋଗ ଲଟେରି ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କୁ ବିକ୍ରି କରାଯାଏ। ଏଣୁ ବାସିଭୋଗ ବିକ୍ରି କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଶ୍ରଦ୍ଧାଳୁଙ୍କଠାରୁ ଶୁଣିବାକୁ ମିଳୁଛି। ଠାକୁରଙ୍କ ଶଙ୍ଖୁଡ଼ି ଭୋଗରେ କାନିକା, ଖେଚୁଡ଼ି, ଡାଲମା, ଭଜା ଏବଂ ଖିରି ଭୋଗ ହୋଇଥାଏ। ଅନ୍ୟ ମନ୍ଦିର ଅପେକ୍ଷା ଲଡ୍ଡୁବାବାଙ୍କ ଶଙ୍ଖୁଡ଼ି ଭୋଗ ମଧ୍ୟ ଅତ୍ୟନ୍ତ ସୁସ୍ୱାଦୁ। ଏ ସମ୍ପର୍କରେ ଲଡ୍ଡୁବାବା ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ଙ୍କୁ ପଚାରିବାରେ ମନ୍ଦିରରେ ଯେତିକି ଭୋଗ ପ୍ରସ୍ତୁତ ହୁଏ ତାହା ନେବାକୁ ଏତେ ଲୋକ ଆସନ୍ତି ଯେ, ଆମକୁ ଲଟେରି ମାଧ୍ୟମରେ କେଉଁ ଭୋଗ କାହାକୁ ଦିଆଯିବ ତାହା ନିର୍ଣ୍ଣୟ କରିବାକୁ ପଡ଼େ। କିଛି ଲୋକ ଭୋଗ ନ ପାଇ ମନଦୁଃଖରେ ଫେରିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ କହିଛନ୍ତି।





ଠାକୁରଙ୍କ ପାଖରେ ଲାଗି ହେଉଥିବା ପ୍ରସାଦ ଓ ଭୋଗ।

# ନଦୀ ଗର୍ଭରେ ଲୀନ ହେବ ଶତାଧିକ ଏକର ଜମି

ଖଣ୍ଡପଡ଼ା,୧୪।୫(ସ୍ୱ.ପ୍ର.)

ନୟାଗଡ଼ ଜିଲାରେ ପ୍ରତିବର୍ଷ କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ତଟବର୍ତ୍ତୀ ଫସଲ ଜମି କ୍ରମଶଃ ଲୀନ ହେବାରେ ଲାଗିଛି। ଏହାଛଡା ପ୍ରବଳ ବନ୍ୟା ସ୍ରୋତରେ ଅନେକ ଚାଷ ଜମି ମଧ୍ୟ ବାଲିଚର ହେଉଛି। ସଂପୃକ୍ତ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ଏସ୍‌କେପ ନିର୍ମାଣ ସହ ନଦୀ କୂଳରେ ପଥର ପ୍ୟାକିଂ କରାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

ଜିଲାର କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳରୁ କମେଇ ନଦୀର ସୃଷ୍ଟି। ଏହି କମେଇ ନଦୀର ଗଭ (ଓସାର) ପ୍ରାୟ ଦେଢ ଶହ ଫୁଟ ହୋଇଥିବା ବେଳେ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ୪ କି.ମି. ଦୂର ତଳ ମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ନଦୀ ମିଶିଛି। ନିକଟବର୍ତ୍ତୀ ଗ୍ରାମ ଓ ଚାଷ ଜମିର ସୁରକ୍ଷା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ପକ୍ଷରୁ କମେଇ ବ୍ରିଜଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ କମେଇ ନଦୀର ଦକ୍ଷିଣପାର୍ଶ୍ୱରେ ପ୍ରାୟ ଅଢେଇ କି.ମି. ଲମ୍ବର ମାଳ ବନ୍ଧ ନିର୍ମାଣ କରାଯାଇଛି। ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ନଦୀ ବାମପାର୍ଶ୍ୱ ଧୋବଣୀଘାଇ–ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଛି। ମାତ୍ର କମେଇ ନଦୀ ବାମପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅ ପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ପ୍ରତିବର୍ଷ ବନ୍ୟାରେ ଜଳ ମଗ୍ନ ହୋଇଥାଏ। ଜମିଗୁଡ଼ିକରେ ପଟୁ ମାଡି ଯାଉଥିବାରୁ ସେଥିରେ ଧାନ ଫସଲ କରିବା ସମ୍ଭବ ନୁହେଁ। ମାତ୍ର ଏହିସବୁ ଜମିଗୁଡ଼ିକରେ ଧାନ ଫସଲ ବ୍ୟତିତ ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇ ପ୍ରଚୁର ପରିମାଣର ମୁଗ, ବିରି ଫସଲ ଉତ୍ପାଦନ ହୋଇଥାଏ। ପରିତାପର ବିଷୟ ପ୍ରବଳ ବନ୍ୟା ଜଳ ଉକ୍ତ ଜମିରେ ପ୍ରବାହିତ ହେବା ସମୟରେ ଅଧିକାଂଶ ଜମି ବାଲିଚର ହେବାରେ ଲାଗିଛି। ଫଳରେ ନଦୀ କୂଳରେ ଥିବା ଜମି ଅତଡ଼ା ଖାଇ ପ୍ରତିବର୍ଷ ଆସ୍ତେ ଆସ୍ତେ ନଦୀ ଗର୍ଭରେ ଲୀନ ହେଉଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳ ସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ଦୀର୍ଘବର୍ଷରୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ମାଳବନ୍ଧଗୁଡ଼ିକର ରକ୍ଷଣାବେକ୍ଷଣ ଓ ନୂତନ ମାଳ ବନ୍ଧ ନିର୍ମାଣ ପାଇଁ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ପ୍ରକୃତ ପକ୍ଷରେ ଆବଶ୍ୟକ କାର୍ଯ୍ୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ବିଭିନ୍ନ ମାଳବନ୍ଧର ରକ୍ଷଣାବେକ୍ଷଣ ଆଳରେ ଅର୍ଥ ବ୍ୟୟ କରୁଥିବା ଅଭିଯୋଗ ହେଉଛି। ତେବେ କମେଇ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ତଥା ବାଲିଚରରୁ ରକ୍ଷା କରିବାକୁ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳ ତଳ ମୁଣ୍ଡରେ ୨ କୂଳକୁ ଲଗାଇ ପ୍ରାୟ ଦେଢ ଶହ ଫୁଟ ଲମ୍ବ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏକ ପଥର ବନ୍ଧ (ଏସ୍‌କେପ) ନିର୍ମାଣ କରାଗଲେ ଚାଷୀମାନଙ୍କର ବହୁ ଦିନର ସମସ୍ୟା ଦୂର ହୋଇ ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

ସୂଚନାଯୋଗ୍ୟ, ବନ୍ୟା ସମୟରେ କମେଇ ନଦୀର ଜଳ ପତନ ୨ କୂଳ ଲଂଘି ଉଚ୍ଚରେ ପ୍ରବାହିତ ହୋଇଥାଏ। ନଦୀ ମଧ୍ୟରେ ୨ ମିଟର ଉଚ୍ଚତା ବିଶିଷ୍ଟ ଏହି ଏସ୍‌କେପ ନିର୍ମାଣ ହେଲେ ବନ୍ୟା ସ୍ରୋତରେ ଭାସି ଆସୁଥିବା ବାଲି ବାଧା ପ୍ରାପ୍ତ ହୋଇ ସେଠାରେ ଅଟକି ଯାଆନ୍ତା। ଏଥିସହ ନଦୀର ପ୍ରଖର ସ୍ରୋତ ଏଠାରେ ବାଧା ପାଇ ତା'ର ପ୍ରଖରତା ହରାଇ ନଦୀ କୂଳବର୍ତ୍ତୀ ଜମିଗୁଡ଼ିକରେ ସେତେଟା ପ୍ରଭାବ ପକାଇବ ନାହିଁ କିମ୍ବା ବିଶେଷ କ୍ଷୟକ୍ଷତି ଘଟାଇବ ନାହିଁ। ଏ ସମସ୍ୟାର ପ୍ରତିକାର ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମମୋହନ ବେହେରାଙ୍କୁ ପଚାରିବାରେ ଏସ୍‌କେପର ଆବଶ୍ୟକତା ରହିଛି। ତେବେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ। ସେମାନେ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରେ ବୋଲି ସେ କହିଛନ୍ତି। ଏହାଛଡା ଲୋକ ପ୍ରତିନିଧିମାନେ ଏହି ଯୋଜନା ଉପରେ ଗୁରୁତ୍ୱାରୋପ କରି ପ୍ରଶାସନର ସହଯୋଗ ଲୋଡି ପାରିଲେ ସମ୍ପୃକ୍ତ କାର୍ଯ୍ୟ ସମ୍ପାଦନ ସମ୍ଭବ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



କମେଇ ନଦୀ।



କମେଇ ନଦୀ ବନ୍ୟାରେ ତଟ ଅଞ୍ଚଳ ଜମି ବାଲିଚର ହୋଇଯାଇଛି।

## ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଏସ୍‌କେପ ନିର୍ମାଣ ଦାବି

# ରାତିରେ ଅଟୋ ଜାଳି ଦେଲେ ଦୁର୍ବୃତ୍ତ

ଓଡ଼ଗାଁ, ୧୪।୫(ସ୍ୱ.ପ୍ର.)

ଓଡ଼ଗାଁ ଥାନା ଅନ୍ତର୍ଗତ ଆମ୍ବରାପୁର ଗାଁରେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦାଣ୍ଡଦୁଆରେ ଥିବା ଅଟୋରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ଅଟୋ ମାଲିକ ତଥା ସେହି ଗାଁର କାଶୀନାଥ ମଳିକ ରବିବାର ସକାଳେ ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ରାତିରେ କାଶୀନାଥ ଘର କାମସାରି ଶୋଇବା ବେଳକୁ ସମୟ ରାତି ୧ଟା ଅତିକ୍ରମ କରିଯାଇଥିଲା। ହେଲେ ରାତି ୨ଟା ୪୦ ବେଳେ ଅଟୋରେ ନିଆଁ ଲାଗିଥିବା ଶୁଣି କାଶୀନାଥ ଦାଣ୍ଡରେ ପହଞ୍ଚି ଲାଗିଥିବା ନିଆଁକୁ ଲିଭାଇଥିଲେ। ଅଟୋ ପାଖରେ ଥିବା ଟେଣ୍ଟରେ ବ୍ୟବହୃତ କପଡ଼ାକୁ କେହି ଦୁର୍ବୃତ୍ତ ଅଟୋ ଭିତରେ ପୂରାଇ ନିଆଁ ଲଗାଇ ଚାଲିଯାଇଥିବା କାଶୀନାଥ ସନ୍ଦେହ କରିଛନ୍ତି। ଗାଁରେ ତାଙ୍କ ସହ କେହି ଶତ୍ରୁତା ଆଚରଣ କରି ନ ଥିବା ବେଳେ ଘଟଣାକୁ ନେଇ ସେ ସନ୍ଦୀହାନ ହୋଇ ପଡ଼ିଛନ୍ତି। ପୋଲିସ ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ଆଶା ରଖିଛନ୍ତି। ପରେ ନିଆଁକୁ ତୁରନ୍ତ ଆୟତ୍ତ କରାଯିବାରୁ ଅଟୋଟିର କେବଳ ସିଟ୍ ଏବଂ ହୁଡ୍ ପୋଡ଼ିଯାଇଛି।



